୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.269 Bhubaneswar Sunday December 08 2024 | ୨୬ତମ ବର୍ଷ ସଂଖ୍ୟା-୨୬୯ ଭୁବନେଶ୍ୱର, ରବିବାର, ଡିସେମ୍ବର ୦୮, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS


## ୩ମାସ ପରେ ବି ଆରମ୍ଭ ହୋଇନି ବିଭାଗୀୟ ତଦନ୍ତ, କୁଟ୍‌ଟେ ଓ ଆଶିଷ ସିଂଙ୍କୁ ମିଳିଲା କି କ୍ଲିନଚିଟ୍ ?

ଭୁବନେଶ୍ୱର,୭।୧୨(ପି.ଏନ): ବିଜେଡିର ଅଘୋଷିତ ସର୍ବ ?ସର୍ବା ଭିକେ ପାଣ୍ଡିଆନଙ୍କ ଖାସ୍ ସହଯୋଗୀ ଦୁଇ ବରିଷ୍ଠ ଆଇପିଏସ୍ ଡିଏସ୍ କୁଟ୍‌ଟେ ଓ ଆଶିଷ ସିଂଙ୍କୁ କ୍ଲିନଚିଟ୍ । ଏପରିକି ଗତ ଅଗଷ୍ଟ ମାସରେ ଉଭୟ ଆଇପିଏସ ଅଫିସରଙ୍କୁ ଜାରି କାରଣଦର୍ଶାଅ ନୋଟିସର ଜବାବ ସେମାନେ ଦାଖଲ କରିବାର ପ୍ରାୟ ୩ମାସ ବିତିଲାଣି, ତଥାପି ସେମାନଙ୍କ ବିରୁଦ୍ଧରେ ରାଜ୍ୟ ସରକାର ଏପର୍ଯ୍ୟନ୍ତ କୌଣସି ପ୍ରକାରର ବିଭାଗୀୟ ତଦନ୍ତ ପ୍ରକ୍ରିୟା ଆରମ୍ଭ କରିନଥିବା ଜଣାପଡିଛି । ନିର୍ବାଚନ ଆୟୋଗ ଉଭୟ ଅଫିସରଙ୍କ ବିରୁଦ୍ଧରେ ସାଧାରଣ ନିର୍ବାଚନରେ ବିଜେଡି ସପକ୍ଷରେ କାର୍ଯ୍ୟ କରୁଥିବାର ପ୍ରମାଣ ଦେଇ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ତେବେ ଆଇପିଏସ୍ ଆଶିଷ ସିଂଙ୍କୁ ତତ୍କାଳ କେନ୍ଦ୍ରୀୟ



ଡେପୁଟେସନରେ ପଠାଇବାକୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଗତକାଲି ନିର୍ଦ୍ଦେଶ ଦେବାପରେ ତାଙ୍କୁ ରାଜ୍ୟ ସରକାର ଏପ୍ରକାର କ୍ଲିନଚିଟ୍ ଦେଇଥିବା ସ୍ପଷ୍ଟ ହୋଇଛି ।ରାଜ୍ୟ ଗୃହ ବିଭାଗର ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୁପ୍ତ ରଖିବା ସର୍ତ୍ତରେ କହିଛନ୍ତି ଯେ, ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକୁ ପାଳନ କରି ୧୯୯୭ ବ୍ୟାଚ୍ ଆଇପିଏସ୍ ଡିଏସ୍ କୁଟ୍‌ଟେଙ୍କୁ ଅଗଷ୍ଟ ୨୧ତାରିଖରେ ଓ ୨୦୦୪ ବ୍ୟାଚ୍ ଆଇପିଏସ୍ ଆଶିଷ ସିଂଙ୍କୁ ଅଗଷ୍ଟ ୬ତାରିଖରେ କାରଣଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା । ରାଜ୍ୟ ଗୃହ ସଚିବଙ୍କ ଦ୍ୱାରା ଜାରି ଏହି କାରଣଦର୍ଶାଅ ନୋଟିସର ଜବାବ ମଧ ଉଭୟ ଆଇପିଏସ୍ ନିର୍ଦ୍ଧାରିତ ଅବଧି ମଧରେ ଲିଖିତ ଭାବେ ଦାଖଲ କରିଛନ୍ତି । ସବର୍ଭାରତୀୟ ସେବାର କଣ୍ଡକ୍ଟ ରୁଲସ୍ -୧୯୬୮ର ରୁଲ-୩ ଓ ରୁଲ-୧୮ର ଉଲ୍ଲଘଂନ କରିବା ଅଭିଯୋଗରେ ନିର୍ବାଚନ କମିଶନ ଦେଇଥିବା ପ୍ରମାଣ ଆଧାରରେ ଉଭୟଙ୍କୁ ନୋଟିସ୍ ଜାରି ହୋଇଥିଲା । ତେବେ କୌଣସି ଅଫିସରଙ୍କ ବିରୁଦ୍ଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ପାଇଁ ଯେଉଁ ପ୍ରକ୍ରିୟା ରହିଛି ତାହା ଏପର୍ଯ୍ୟନ୍ତ ଏମାନଙ୍କ କ୍ଷେତ୍ରରେ ଲାଗୁ ହୋଇନାହିଁ । ଏହି ଦୁଇ ଅଫିସରଙ୍କ ବିରୁଦ୍ଧରେ ଥିବା ଅଭିଯୋଗର ସତ୍ୟାସତ୍ୟ ଯାଂଚ୍ ଓ ପକ୍ଷ ରଖିବାର ସୁଯୋଗ ଦେବା ପାଇଁ ସରକାର ଜଣେ ବରିଷ୍ଠ ଅଫିସରଙ୍କୁ 'ତଦନ୍ତକାରୀ ଅଫିସର' ଭାବେ ନିଯୁକ୍ତି ଦେବାକଥା,ଯାହାକି କୁଟ୍‌ଟେ ଓ ଆଶିଷ ସିଂଙ୍କ କ୍ଷେତ୍ରରେ କରାଯାଇନାହିଁ ।

## ଆସନ୍ତାକାଲି ଚାଷୀଙ୍କୁ ୮୦୦ ଟଙ୍କାର ଇନପୁଟ୍ ସବସିଡି ଦେବେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୭।୧୨(ପି.ଏନ): ଅପେକ୍ଷାର ଅନ୍ତ। ଚାଷୀ ପାଇବେ ୮ ଶହ ଟଙ୍କାର ଇନପୁଟ୍ ସବସିଡି। ଆସନ୍ତାକାଲି ଚାଷୀଙ୍କୁ ଧାନର ଇନପୁଟ ସହାୟତା ରାଶି ବଣ୍ଟନ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବରଗଡ ସୋହେଲାର ଇଛାପାଲି ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ୮ଶହ ଟଙ୍କାର ଇନପୁଟ୍ ସବସିଡି ବଣ୍ଟନ କରିବେ।୨୦୨୪ ସାଧାରଣ ନିର୍ବାଚନରେ ଧାନ ଗଛ ୩୧ ଶହ ଟଙ୍କା ଘୋଷଣା କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। କ୍ଷମତାକୁ ଆସିବା ପରେ ବିଜେପି ସରକାର ମଧ ୨୩ ସହ ଗଛ ସହ ୮ ଶହ ଟଙ୍କା ଇନପୁଟ ସବସିଡି ଘୋଷଣା କରିଥିଲେ। ଏବେ ଧାନ ବିକ୍ରି ପରେ ୨୩ଶହ ଟଙ୍କା ଗଛ ଚାଷୀ ପାଉଥିବା ବେଳେ ଆସନ୍ତାକାଲିଠୁ ଚାଷୀ ଇନପୁଟ୍ ସବସିଡି ବାବଦକୁ ପାଇବେ ୮ ଶହ ଟଙ୍କା।

## ପୂର୍ବତନ ଆତଙ୍କବାଦୀକୁ ସମ୍ମାନିତ କରିବାକୁ କେନ୍ଦ୍ରମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର,୭।୧୨(ପି.ଏନ): ପଞ୍ଜାବର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସୁଖବୀର ସିଂହ ବାଦଲଙ୍କ ଉପରକୁ ହୋଇଥିବା ଗୁଳିମାଡ଼ ଘଟଣାକୁ ସାରା ଦେଶରେ ନିନ୍ଦା କରାଯାଉଛି। ଏହାରି ଭିତରେ ରାଜ୍ୟସଭା ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ରବନୀତ ସିଂହ ବିଟ୍ଟୁ ଏଭଳି ଏକ ବୟାନ ଦେଇଛନ୍ତି, ଯାହା ତାଙ୍କୁ ବିବାଦକୁ ଟାଣିଛି। ଶିରୋମଣି ଅକାଳୀ ଦଳକୁ କଟାକ୍ଷ କରି ଗୁଳିମାଡ଼ କରିଥିବା ଅଭିଯୁକ୍ତ ନାରାୟଣ ସିଂହ ଚୌଡାକୁ ସମ୍ମାନିତ କରାଯିବା ଉଚିତ୍ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ। ଏପରିକି ଆକ୍ରମଣକାରୀକୁ ଦେଶର ରତ୍ନ ବୋଲି କହିଛନ୍ତି ରବନୀତ ବିଟ୍ଟୁ।କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀ ରବନୀତ ସିଂହ ବିଟ୍ଟୁ କହିଛନ୍ତି ଯେ ସୁଖବୀର ସିଂହ ବାଦଲ ଗୁରୁ ଗ୍ରନ୍ଥ ସାହିବଙ୍କୁ ଅସମ୍ମାନ କରିଥିଲେ। ଏହାପରେ ତାଙ୍କ ଉପରେ ଏହି ଆକ୍ରମଣ ଘଟିଛି। ଯେତେବେଳେ ସୁଖବୀର ସିଂହ ବାଦଲ ନିଜେ ଗୁରୁ ଗ୍ରନ୍ଥ ସାହିବଙ୍କୁ ଅପବିତ୍ରୀକରଣ କରିଥିବା ପାପକୁ ସ୍ୱୀକାର କରିଥିଲେ, ସେତେବେଳେ ନାରାୟଣ ସିଂହ ଚୌଡା ଭାବପ୍ରବଣ ହୋଇ ତାଙ୍କ ଉପରକୁ ଗୁଳି ଚଳାଇଛି, ଯାହା ତାଙ୍କ ଦେହରେ ନବାଜି କାନ୍ଥରେ ବାଜିଥିଲା। ବିଟ୍ଟୁ କହିଛନ୍ତି ଯେ ନାରାୟଣ ସିଂହ ଚୌଡା ହେଉଛନ୍ତି 'ରାଷ୍ଟ୍ରର ରତ୍ନ' ଏବଂ ତାଙ୍କ ପରି ବ୍ୟକ୍ତିଙ୍କ ଫଟୋ ଅକାଳ ତଖ୍ତ ସାହିବଙ୍କ ସଂଗ୍ରହାଳୟରେ ସ୍ଥାପନ କରାଯିବା ଉଚିତ। ରବନୀତ ବିଟ୍ଟୁ ଅକାଳୀ ଦଳକୁ କଟାକ୍ଷ କରି କହିଛନ୍ତି ଯେ ଯେପରି ବିଅନ୍ତ ସିଂହଙ୍କ ହତ୍ୟାକାରୀକୁ ବିକ୍ରମ ସିଂହ ମାଜିଥିଆ ଆଲିଙ୍ଗନ କରିଥିଲେ, ସେହିପରି ନାରାୟଣ ସିଂହ ଚୌଡାଙ୍କୁ ମଧ୍ୟ ଆଲିଙ୍ଗନ କରାଯିବା ଉଚିତ୍।

## ଦିଲ୍ଲୀ ରାଜ୍ୟପାଳଙ୍କୁ ଭେଟିଲେ ମୌଲବୀ; ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ତଡ଼ିବାକୁ ଦାବି

ଭୁବନେଶ୍ୱର,୭।୧୨(ପି.ଏନ): ବାଂଲାଦେଶରେ ଜାରି ରହିଥିବା ହିନ୍ଦୁ ବିରୋଧୀ ହିଂସାକୁ ଭାରତରେ ଜୋରଦାର ବିରୋଧ ହେଉଛି। ଏହି କ୍ରମରେ ବାଂଲାଦେଶ ହିଂସାକୁ ବିରୋଧ କରି ଦିଲ୍ଲୀ ଉପରାଜ୍ୟପାଳଙ୍କୁ ଭେଟିଛନ୍ତି ହଜରତ ନିଜାମୁଦ୍ଦିନ ଦର୍ଘା ଅଞ୍ଚଳର ମୌଲବୀ ଓ ସ୍ଥାନୀୟ ବାସିନ୍ଦା। ଏହି ପ୍ରତିନିଧୀ ଦଳ ଶନିବାର ଦିଲ୍ଲୀ ଉପରାଜ୍ୟପାଳ ବିନୟ କୁମାର ସକ୍‌ସେନାଙ୍କୁ ଭେଟି ସହରରେ ବେଆଇନ ଭାବେ ବସବାସ କରୁଥିବା ବାଂଲାଦେଶୀ ଲୋକଙ୍କୁ ଚିହ୍ନଟ କରି ତାଙ୍କ ଦେଶକୁ ତଡ଼ିଦେବା ପାଇଁ ଦାବି କରିଛନ୍ତି ।ଦିଲ୍ଲୀ ରାଜ ନିବାସ ଜାରି କରିଥିବା ଏକ ବିବୃତ୍ତିରେ କୁହାଯାଇଛି ଯେ ବାଂଲାଦେଶରେ ହିନ୍ଦୁ ଏବଂ ଅନ୍ୟାନ୍ୟ ସଂଖ୍ୟାଲଘୁଙ୍କ ବିରୋଧରେ ହେଉଥିବା ହିଂସାକୁ ନେଇ ହଜରତ ନିଜାମୁଦ୍ଦିନ ଦର୍ଘା ଅଞ୍ଚଳର ପ୍ରତିନିଧୀ ଦଳ ଗଭୀର ଚିନ୍ତା



ପ୍ରକଟ କରିଛନ୍ତି। ବାଂଲାଦେଶରେ ହିନ୍ଦୁମାନଙ୍କର ଅବସ୍ଥା ଏବଂ ସେହି ଦେଶର ବର୍ତ୍ତମାନର ସ୍ଥିତି ଚିନ୍ତାଜନକ ବୋଲି ଉପରାଜ୍ୟପାଳଙ୍କୁ ଦେଇଥିବା ଏକ ଦାବିପତ୍ରରେ ସେମାନେ ଲେଖିଛନ୍ତି। ଏହା ସହିତ ଦିଲ୍ଲୀରେ ଅନୁପ୍ରବେଶ କରି ବେଆଇନ ଭାବେ ବସବାସ କରୁଥିବା ବାଂଲାଦେଶୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି। ସେମାନଙ୍କୁ ଭଡା ଘର ବା କୌଣସି ପ୍ରତିଷ୍ଠାନରେ ଚାକିରି ମିଳିବା ଉଚିତ୍ ନୁହେଁ ବୋଲି ସେମାନେ କହିଛନ୍ତି। ଏପରିକି କୌଣସି ଧାର୍ମିକ ସ୍ଥାନ ସେମାନଙ୍କୁ ଆଶ୍ରୟ ନଦେଇ ଘଉଡାଇଦେବା ଉଚିତ୍ ବୋଲି ସେମାନେ କହିଛନ୍ତି।

## ନିଯୋଗ ବିବାଦ ପାଇଁ ନୀତି ବନ୍ଦ, ଉପବାସରେ ଲିଙ୍ଗରାଜ, ହେଲେ ସାଧାରଣ ଦର୍ଶନ ଜାରି

ଭୁବନେଶ୍ୱର: ଦୁଇ ନିଯୋଗ ମଧରେ ବିବାଦ ଯୋଗୁ ଉପବାସରେ ଅଛନ୍ତି ଲିଙ୍ଗରାଜ ପ୍ରଭୁ । ପୂଜାପଣ୍ଡା ଓ ବଡୁ ନିଯୋଗ ମଧରେ ଅଧିବାସ ପୂଜାକୁ ନେଇ ବିବାଦ ଆରମ୍ଭ ହୋଇଛି । ମତ ପାର୍ଥକ୍ୟ ପାଇଁ ବନ୍ଦ ରହିଛି ପ୍ରଭୁଙ୍କ ସମସ୍ତ ନୀତିକାନ୍ତି । ମଙ୍ଗଳ ଆଳତୀ ପରଠାରୁ ଠାକୁରଙ୍କ ସମସ୍ତ ନୀତି ବନ୍ଦ ରହିଛି । କିନ୍ତୁ ଭକ୍ତଙ୍କ ପାଇଁ ସାଧାରଣ ଦର୍ଶନ ଜାରି ରହିଛି । ଅବଢା ବିନା ଭକ୍ତ ନିରାଶ । ସମାନ ସ୍ଥିତି ପାଞ୍ଚବର୍ଷପୂର୍ବ ? ଦେଖା ଯାଇଥିଲା ।



## ସରକାରଙ୍କ ପକ୍ଷରୁ ଆସିଲାନି କୌଣସି ଖବର, ପୁଣି କାଲିଠାରୁ ଚାଷୀଙ୍କ ଦିଲ୍ଲୀ ଚଲୋ ଯାତ୍ରା

ଭୁବନେଶ୍ୱର,୭।୧୨(ପି.ଏନ): ପଞ୍ଜାବରୁ ଚାଷୀମାନେ ପୁଣି ଆସନ୍ତାକାଲି ଠାରୁ ଦିଲ୍ଲୀ ଚଲୋ ପଦଯାତ୍ରା ଆରମ୍ଭ କରିବେ। ସରକାରଙ୍କ ପକ୍ଷରୁ ସେମାନଙ୍କ ଦାବି ସମ୍ପର୍କରେ ଆଲୋଚନା ପାଇଁ କୌଣସି ଡାକରା ମିଳିନାହିଁ। ତେଣୁ ଗୋଟିଏ ଦିନର ବିରତୀ ପରେ ରବିଠାରୁ ପୁଣି ପଦଯାତ୍ରା ଆରମ୍ଭ ହେବ ବୋଲି ପଞ୍ଜାବର ଚାଷୀ ସରବନ ସିଂହ ପାନ୍ଧ ?ର ଆଜି ସୂଚନା ଦେଇଛି ।ଶୁକ୍ରବାର ଅପରାହ୍ନରେ ୧୦୧ ଜଣ ଚାଷୀ ପଞ୍ଜାବରୁ 'ଦିଲ୍ଲୀ ଚଲୋ' ପଦଯାତ୍ରା ଆରମ୍ଭ କରିଥିଲେ। ହେଲେ ପଦଯାତ୍ରାରେ ଚାଷୀମାନେ ଆସି ହରିୟାଣାରେ ପହଞ୍ଚିବା ପରେ ସେମାନଙ୍କୁ ପୁଲିସ ଅଟକାଇଥିଲା ଓ ସେମାନଙ୍କ ଉପରକୁ ଲୁହବୁହା ଗ୍ୟାସ ମାଡ କରିଥିଲା। ଏଥିରେ ଏକାଧିକ ଚାଷୀ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ କିଛି ଜଣଙ୍କ ଅବସ୍ଥା ଗୁରୁତର ରହିଛି ।ଏହାପରେ ଚାଷୀମାନେ ରବିବାର ପର୍ଯ୍ୟନ୍ତ ସେମାନଙ୍କ ଆନ୍ଦୋଳନ ସ୍ଥଗିତ ରଖିଥିଲେ। ଏଥିସହ ସରକାରଙ୍କୁ ଦାବି ସମ୍ପର୍କରେ କଥାବାର୍ତ୍ତା ଆରମ୍ଭ କରିବା ପାଇଁ ଗୋଟିଏ ଦିନ ସମୟ ଦେଇଥିଲେ। ହେଲେ ଶନିବାର ସରକାରଙ୍କ ପକ୍ଷରୁ ଏନେଇ କୌଣସି ପ୍ରକାରର ପଦକ୍ଷେପ ନିଆଯାଇ ନାହିଁ। ତେଣୁ ୧୦୧ ଜଣ ଚାଷୀ ପୁଣି ଦିଲ୍ଲୀ ଅଭିମୁଖେ ପଦଯାତ୍ରା ଆରମ୍ଭ କରିବେ ବୋଲି ଘୋଷଣା କରିଛନ୍ତି।

## ପ୍ରଧାନମନ୍ତ୍ରୀ ମୋଦିଙ୍କୁ ହତ୍ୟା ଧମକ



ଭୁବନେଶ୍ୱର,୭।୧୨(ପି.ଏନ): ଆଜିକାଲି ବିଭିନ୍ନ ନେତା-ମନ୍ତ୍ରୀ ଓ ଅଭିନେତାଙ୍କୁ ହତ୍ୟା ଧମକ ମିଳିବା ନିତିଦିନିଆ କଥା ହେଇଗଲାଣି। ହେଲେ ଏଥର ସବୁ ସୀମା ଟପି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମିଳିଛି ହତ୍ୟା ଧମକ। ମୁମ୍ବାଇ ପୁଲିସକୁ ହ୍ୱାଟ୍ସଆପ୍ ଜରିଆରେ କେହି ଦୁର୍ବୃତ୍ତ ପ୍ରଧାନମନ୍ତ୍ରୀଙ୍କୁ ହତ୍ୟା କରିବା ନେଇ ଏକ ବାର୍ତ୍ତା ପଠାଇଥିବା ଜଣାପଡ଼ିଛି। ଦୁର୍ବୃତ୍ତ ନିଜକୁ ISIS ଆତଙ୍କୀ ବୋଲି ଦାବି କରିଛି ।ମିଳିଥିବା ସୂଚନା ଅନୁସାରେ ମୁମ୍ବାଇ ପୁଲିସର ଟ୍ରାଫିକ କଣ୍ଟ୍ରୋଲ ରୁମକୁ ହ୍ୱାଟ୍ସଆପ୍ ଜରିଆରେ ଏହି ଧମକପୂର୍ଣ୍ଣ ମେସେଜ ଆସିଛି। ଏହି ମେସେଜରେ କୁଖ୍ୟାତ ଆତଙ୍କବାଦୀ ସଂଗଠନ ଓଝଓଝ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଦୁର୍ବୃତ୍ତ ନିଜକୁ ISIS ଆତଙ୍କୀ ବୋଲି ଦାବି କରିବା ସହ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ବୋମା ବିସ୍ଫୋରଣରେ ଉଡାଇ ଦିଆଯିବାକୁ ଯୋଜନା ହେଉଥିବା ଧମକ ଦେଇଛି। ପୁଲିସ ତୁରନ୍ତ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଆଜି ଦିଲ୍ଲୀ ଫେରିଯିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

ଭୁବନେଶ୍ୱର,୭।୧୨(ପି.ଏନ): ଆଜି ଅପରାହ୍ନରେ ଦିଲ୍ଲୀ ଫେରିଯିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଆଜି ଶେଷ ଦିନରେ ମୟୂରଭଞ୍ଜ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ମହାମହିମ। ବାଙ୍ଗିରିପୋଷି ରେଳ ଷ୍ଟେସନରେ ୩ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ।ବାଙ୍ଗିରିପୋଷୀ-ଗୋରୁମହିଷାଣି, ବୁଡାମରା-ନ୍ୟୁ ଜାମଶୋଳା ନୂତନ ରେଳ ଲାଇନ୍, ବାଦାମପାହାଡ- କେନ୍ଦୁଝରଗଡ ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ ରାଷ୍ଟ୍ରପତି। ଏହି ଲାଇନ୍ ଆଦିବାସୀ ବହୁଳ ମୟୂରଭଞ୍ଜ ଓ କେନ୍ଦୁଝର ଜିଲାକୁ ସଂଯୋଗ କରିବ। ଯାହା ଖଣିବହୁଳ ଅନୁନ୍ନତ ଅଞ୍ଚଳରେ ଶିଳ୍ପ, ପର୍ଯ୍ୟଟନର ଅଭିବୃଦ୍ଧି ଘଟାଇବ। ଏଥିସହ ଆଭାସି



ଜରିଆରେ ରାଇରଙ୍ଗପୁର ସହରରେ ତିନୋଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ ରାଷ୍ଟ୍ରପତି। ଜନଜାତି ଅନୁସନ୍ଧାନ ଓ ବିକାଶ କେନ୍ଦ୍ର, ରାଇରଙ୍ଗପୁର ଦାଣ୍ଡବୋଷ ବିମାନ ବନ୍ଦର ଉନ୍ନତୀକରଣ ନିର୍ମାଣ ପାଇଁ ଶିଳାନ୍ୟାସ କରିବେ।

## ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାହାରିବ ବାଲି; ସ୍ଥିତି ଯାଞ୍ଚ କଲେ ଏଏସଆଇ କୋର କମିଟି

ଭୁବନେଶ୍ୱର,୭।୧୨(ପି.ଏନ):ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାଲି ବାହାରିବ ବାଲି। ଏଥିପାଇଁ ସବୁ ପ୍ରକାର ପ୍ରସ୍ତୁତି କାର୍ଯ୍ୟ ସରିଥିବା ବେଳେ ଏହାର ସ୍ଥିତି ଅନୁଧାନ ପାଇଁ ଆଜି ଆସିଛନ୍ତି ଏଏସ୍ ?ଆଇ କୋର କମିଟି। ଦୀର୍ଘ ୬ ଘଣ୍ଟା ଧରି କମିଟିର ସଦସ୍ୟମାନେ ସୂର୍ଯ୍ୟମନ୍ଦିର ସ୍ଥିତି ଯାଞ୍ଚ କରିଥିଲେ। ଯାଞ୍ଚ ପରେ ସୂର୍ଯ୍ୟମନ୍ଦିର ପରିସରରେ ବସିଛି ଗୁରୁତ୍ୱପୂର୍ଣ୍ଣ ବୈଠକ। ଏଥିରେ ଗର୍ଭ ଗୃହରୁ ବାଲି କା?ିବା ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା ହେଉଥିବା ଜଣାପଡିଛି।

## ସିଏଜି ଖୋଲିଲେ ଗୁମର: ମହାନଗରବାସୀଙ୍କୁ ବାଂଟିଛନ୍ତି ଦୂଷିତ ଜଳ ଓ ରୋଗ, ହଜାର ହଜାର କୋଟି ଅପବ୍ୟୟ

ଭୁବନେଶ୍ୱର,୭।୧୨(ପି.ଏନ): ସ୍ମାର୍ଟସିଟି ରାଜଧାନୀ ଭୁବନେଶ୍ୱରବାସୀଙ୍କୁ କୁଆଖାଇ ନଦୀରୁ ଅତ୍ୟନ୍ତ ଦୂଷିତ ଜଳ ଯୋଗାଣ କରାଯାଉଛି । ଏହି ଜଳ ଅତ୍ୟନ୍ତ ଦୂଷିତ ବୋଲି ରାଜ୍ୟ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବି କହିଲେ। ତଥାପି ସରକାର ଫାଙ୍କିଦେଲେ। ଖାଲି ସେତିକି ନୁହେଁ ରାଜ୍ୟର ଭୁବନେଶ୍ୱର ସମେତ ଅନ୍ୟ ୪ଟି ମହାନଗର ନିଗମ କଟକ,ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲାରେ ଦୂଷିତ ଜଳ ଯୋଗାଣ ଯୋଗୁ ୪୨.୨୩ଲକ୍ଷ ଲୋକ ସାଂଘାତିକ ଝାଡାବାନ୍ତି,୪.୬୩ ଲକ୍ଷ ଟାଇଫଏଡ୍ ଓ ୧୨ହଜାର ଲୋକ କିଡନୀ ରୋଗରେ ପୀଡିତ ହୋଇଛନ୍ତି। ସହରଗୁଡିକରେ ସ୍ୱେରେଜ ବ୍ୟବସ୍ଥା ଠିକ୍ ନଥିବା, ଡ୍ରେନଗୁଡିକ ଖୋଲା ପଡିବା ଓ ବର୍ଜ୍ୟବସ୍ତୁ ନିଷ୍କାସନର ଭିତ୍ତିଭୂମି ଅଭାବ ତଥା ବିସ୍ତୃତ ଉନ୍ନୟନ ଯୋଜନା(ସିଡିପି) ପ୍ରସ୍ତୁତ ନହେବା ଆଦି ସହ ମନମୁଖୀ ପାଣ୍ଠି ଖର୍ଚ୍ଚ ଯୋଗୁ ହଜାର ହଜାର କୋଟି ଟଙ୍କାର ଅପବ୍ୟୟ ହୋଇଛି। କେବଳ ସ୍ୱେରେଜ ପ୍ରକଳ୍ପ ପାଇଁ ଡିପିଆର ପ୍ରସ୍ତୁତିରେ ତ୍ରୁଟି ଯୋଗୁ ୩୦୪୫.୪୪କୋଟି ଟଙ୍କାର ଅନାବଶ୍ୟକ ବ୍ୟୟ ହୋଇଛି। ରାଜ୍ୟର ଏହି ୫ମହାନଗରର ବାସିନ୍ଦାମାନଙ୍କୁ କିଭଳି ଦୂଷିତ ଜଳ ଓ ରୋଗରେ ବଂଚିବାକୁ ଛାଡିଦିଆଯାଉଛି, ଆଜି ଏଭଳି ଢଙ୍ଗରେ ତା'ର ପୁରା ଗୁମରକୁ ପଦାରେ ଖୋଲିଛନ୍ତି ସିଏଜି ।ଆଜି ବିଧାନସଭାରେ ଉପସ୍ଥାପିତ ସିଏଜି ରିପୋର୍ଟ ଅନୁସାରେ, କୁଆଖାଇ ନଦୀରୁ ପଳାଶୁଣି ପ୍ରବେଶ କୂଅ ଯୋଗେ ଯେଉଁ ଜଳ ରାଜଧାନୀବାସୀଙ୍କୁ ଦିଆଯାଉଛି ତାହା ବୁଢ଼ୀ ନାଳ ଓ କୁଆଖାଇ ନଦୀର ସଙ୍ଗମ ସ୍ଥଳ ହୋଇଥିବାରୁ ପ୍ରଦୂଷିତ ପରିମାଣ ବେଶ୍ ଅଧିକ ଥିଲା। ଏହି ଜଳ ଦୂଷିତ ଥିବାନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମଧ ସ୍ୱୀକାର କଲେ। ୨୦୨୨ ଜାନୁୟାରୀରୁ ଜୁଲାଇ ମାସ ମଧରେ ଏହି ଜଳର ମାନକୁ ଯାଂଚ୍ କରାଯାଇଥିଲା। କିନ୍ତୁ ସରକାର ଏହାକୁ ଫାଙ୍କିଦେଲେ। ଜଳ ବିଶୋଧନପରେ ଲୋକଙ୍କୁ ଦିଆଯାଉଛି ବୋଲି ସଫେଇ ଦେଲେ। ଯଦିଓ ଭୁବନେଶ୍ୱର ସହରକୁ କୁଆଖାଇ ନଦୀରୁ ଯୋଗାଣ ହେଉଥିବା ଜଳରେ ବାୟୋକେମିକାଲ ଅମ୍ଳଜାନ ଚାହିଦା, ମୋଟ୍ କୋଲିଫର୍ମ ଓ ଫିକାଲ କୋଲିଫର୍ମ ଅନୁମୋଦିତ ସୀମାଠାରୁ ଅଧିକ ଥିଲା।

## ଜଙ୍ଗଲରେ ବନ୍ଧୁକ ତିଆରି କରୁଥିଲେ ମାଓବାଦୀ, ସର୍ଚ୍ଚ ଅପରେଶନରେ ଧରିଲେ ଯବାନ

ମାଲକାନଗିରି,ଭୁବନେଶ୍ୱର, ୭।୧୨ (ପି.ଏନ):ଜଙ୍ଗଲରେ ମାଓବାଦୀଙ୍କ ବନ୍ଧୁକ କାରଖାନା ଠାବ । ଛତିଶଗଡ ନାରାୟଣପୁର ଜିଲା ସୋନପୁର କୋହମେଟୋଲା ଜଙ୍ଗଲରେ କାରଖାନା ଠାବ କରିଛନ୍ତି ଯବାନ । ବିଏସଏଫ ଓ ଡିଆରଜି ଯବାନ ଜଙ୍ଗଲରେ ମିଳିତ ସର୍ଚ୍ଚ ଅପରେଶନ ଚଳାଇଥିଲେ । ଯବାନଙ୍କୁ ଦେଖି ମାଓବାଦୀ ଫେରାର୍ ହୋଇଯାଇଥିବାବେଳେ ଘଟଣାସ୍ଥଳରୁ ବିପୁଳ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି।










# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

## ପୁରାଣ କାହାଣୀ

# ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ । ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ । ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହିଁ । ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି । ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ । ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧା ଆଉ ଆପଣଙ୍କ ବିନା ଆଯୋଧା ମଧ ମୋ ପାଇଁ ନର୍କ ସଦୃଶ । ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ । ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ । ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ । ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ ।

## ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

# ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ । ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ । ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ । ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ । ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ । ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ । ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା । ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ । ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ । କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ । ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା । ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ । କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା । ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ । ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ । ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ । ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ । ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ । ସେ ୧୦୦ରୁ ଅଧିକ ସନେଟ ମଧ ଲେଖିଛନ୍ତି । ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ । ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ ରଚିଯାଇଛନ୍ତି ।

# ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି । ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି । ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି । ଦୁଇଜଣଙ୍କ ଲୁକ୍ ମଧ ଖୁବ୍ ମଜାଳିଆ ହୋଇଛି । ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ । ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ । ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ । ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା । ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା । ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି ।

# ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ । ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଲି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା । ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି । ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି । ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା । ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ ମଗାଯାଇଥିଲା । ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି । ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା । ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି । ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି ।

# ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚ ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# ଜୀବନ ମାଧୁର୍ଯ୍ୟ



ସୁଦର୍ଶନ ମହାପାତ୍ର

ଯୌବନରୁ ଆଜିଯାଏ ପେଟ ପାଟଣା ପାଇଁ ଜୀବନ ଦାସ ଦରଜୀ କାମ ହିଁ କରି ଆସିଛି। ସେ ବୟସ ସତୁରୀ ପାରି କରି ସାରିଛି କେବେଠୁ। ଆଜି ବି ସେଇ କାମ କରୁଛି। ହେଲେ ଆଜି ଯେଉଁ କାମ କରୁଛି ସେ କାମ ପଇସା ଉପାର୍ଜନ ପାଇଁ ନୁହେଁ, ନିଜ ଖୁସି ପାଇଁ କରୁଛି।ବରଷକେ ଥରେ ଏମିତି ଏକ କାମ ସେ ନିଶ୍ଚିତ କରେ।

-‘ ଯାଃ..., ଏତିକି ବେଳକୁ ଧୋକା ଦେଲା ଏଇଟା।‘

ଅଳ୍ପ ଉଚ୍ଚ ସ୍ୱରରେ ଗୁଣୁଗୁଣୁ ହୋଇ କହିଲା ଜୀବନ ଦାସ। ହେଲେ ମଧୁ ମା’ କୁ ଶୁଭିଗଲା ତା’ କଥା। ରୋଷେଇ କଲା ଭିତରେ ଏମିତି ଅନୁମାନ କରି ପଚାରିଲା -‘ କ’ଣ ସୂତା ସରିଗଲା ?‘

-‘ଧେତ୍ ମିଳୁନାଇଁ ମୋତେ।‘ ପୁଣି ଥରେ ବିକୃତ କଣ୍ଠରେ କହିଲା ଜୀବନ ଦାସ।ମଧୁ ମା’ର କଥା ତାକୁ ସେପର୍ଯ୍ୟନ୍ତ ଶୁଭିନଥିଲା ବୋଧହୁଏ।

-‘ ତୁ କେମିତି ଜାଣିଲୁ ସୂତା ସରିଗଲା ବୋଲି ? ମଧୁ ମା’ ହାତରୁ ସୂତା ରିଲ ନେଉ ନେଉ ଓଠରେ ଧାରେ ହସ ଫୁଟାଇ ପଚାରିଲା ଜୀବନ ଦାସ।

ମଧୁ ମା’ କିଛି ନକହି ସ୍ୱାମୀଙ୍କ ମୁହଁକୁ ଟିକିଏ ଚାହିଁ ପୁଣି ଫେରିଗଲା ରୋଷେଇ ଘରକୁ।ତା’ ଚାହାଣୀର ଅର୍ଥ ଏଇୟା ଯେ ଏତେ ଦିନ ଘର ସଂସାର କଲି, ଅଥଚ ଜାଣି ପାରିବିନି କେଉଁ ମୁହୂର୍ତ୍ତରେ ତୁମର କ’ଣ ଆଉ କେଉଁଟା ଦରକାର..!!!

ଅଳ୍ପ ସମୟ ପରେ ମଧୁ ମା’ ଗ୍ଲାସ ହେବ ନାଲି ଚାହା ଆଣି ଧରେଇ ଦେଲା ଜୀବନ ଦାସ ହାତରେ।ଜାଡୁଆ ଶୀତଦିନରେ ସଞ୍ଜ ନଆସୁଣୁ ଘର ଭିତର ବରଫ ଭଳି ଲାଗୁଥିଲା।ଅଦା ଗୋଲମରିଚ ଗୁଣ୍ଡ ମିଶା ନାଲି ଚା’ ମୁନ୍ଦେ ବୁଢ଼ାର ଦରକାର ବୋଲି ଜାଣିଥିଲା ସେ।ସୂତା ରିଲ,ଚାହା ମୁନ୍ଦେ ଅବା ଆଉ କିଛି, ଜୀବନ ଦାସ ର ମନ ଚାହିଁବା ଅନୁସାରେ ପୂରଣ କରିବାକୁ ମଧୁ ମା’ ସଦା ତତ୍ପର। ଗୋଟିଏ ସୂତା ରିଲ ସରିଗଲା ମାତ୍ରେ ଦରକାର ମୁତାବକ ଆଉ ଗୋଟିଏ ଖୋଜି ଦେଲା ଭଳି ସ୍ୱାମୀ ପାଇଁ ଅହରହ ସେ ଜୀବନ ଜୀବିକା ଏବଂ ଜୀଇଁବାର ମାଧ୍ୟମ ହୋଇ ଆସିଛି ଆଜିଯାଏଁ।

କହିବାକୁ ଗଲେ ଦୁହେଁ ହିଁ ଦୁହିଁଙ୍କର ପରିପୂରକ। ଜୀବନ ଦାସର ଦୁଇଟି ଜିନିଷ ଖୁବ୍ ପ୍ରିୟ। ଗୋଟିଏ ତା’ର ସ୍ତ୍ରୀ ଆଉ ଗୋଟିଏ ତା’ର ସିଲେଇ ମେସିନ। ବଡ଼ଝିଅ ମଧୁ ର ବାହାଘର ପରେ ଚାରା ଚାରିଟା ପୁଅ ବାହାବାହା ହୋଇ ବାପା ମାଆଙ୍କ ଠାରୁ ଦୂରେଇ ଯାଇଥିଲେ ବି ମଧୁ ମା’ ଆଉ ଜୀବନ ଦାସ ଧୈର୍ଯ୍ୟ ହରେଇ ନାହାନ୍ତି। ଯାହା କିଛି ସମ୍ପତ୍ତି ବାଣ୍ଟି ନେଇ ଯାଇଥିଲେ ସୁଦ୍ଧା ବାପା ମାଆଙ୍କୁ ବାଣ୍ଟି ନେଇ ପାରିନାହାଁନ୍ତି।

-‘ ଯାହା ହେଉ ସରିଗଲା କାମଟା !ଏଇ ନେ ଦେଖି ନେ ଠିକ୍ ଅଛି କି ନାହିଁ ?‘

ସ୍ୱାମୀ ଙ୍କ ଏମିତି କଥାରେ ଏ ବୟସରେ ବି ସରମି ଗଲା ମଧୁ ମା । ମନେ ପଡିଗଲା ଦୂର ଅତୀତର କଥା।ମୁଣ୍ଡରୁ ତା’ର ଗରମ ଉଠିଲା ଭଳି ଲାଗିଲା। କଣେଇ କଣେଇ ଚାହିଁଲା ସ୍ୱାମୀଙ୍କ ହାତରେ ଥିବା ବ୍ଲାଉଜକୁ। ଲାଜରେ ଦୁଇ ଆଖିପତା ଭାରି ହୋଇ ନଇଁ ପଡିଲା। ଛାତି ତା’ର ଧଡଧଡ ହେବାକୁ ଲାଗିଲା। ନିଜକୁ ନୂଆବୋହୂ ବୋଲି ଭାବନାରେ ଆସିଗଲା। ତା’ର ମନେହେଲା ସେ ଯେମିତି ଆଜି କନିଆଁ ଆଉ ଜୀବନ ଦାସ ତା’ର ବର। ସତେ ଯେମିତି କେହି ସଂପର୍କୀୟା ସ୍ୱାମୀ ଥିବା କୋଠରୀକୁ ତାକୁ ନେଇ ଛାଡ଼ିଦେଇ ଆସିଛି। ସେ ଆଉଥରେ ସ୍ୱାମୀଙ୍କ ଆଡକୁ କଣେଇ ଚାହିଁଲା। ଧେତ୍! ହାତରେ ସେମିତି ବ୍ଲାଉଜଟିକୁ ହାତରେ ଧରି ବସିଛନ୍ତି ସେତିକି ବେଳୁ...!!

-‘ କି ଅଭିଲା ମଣିଷ ତୁମେ।ଆଲଣାରେ ଥୋଇଦିଅ ସେଟାକୁ।‘ ମିଛରେ ମିଛରେ ଗରଗର ହୋଇ କହିଲା ମଧୁ ମା’।

-‘ ଆରେ ! ଯେମିତି ହେଲେ ତ ଆଜି ପିନ୍ଧିବାର ଅଛି।ଏବେ ପିନ୍ଧିଦିଅ।କାଲି ଠୁ ମୁଁ ସିଲେଇ କାମ ସାରିଥିଲେ ଆଜି ସକାଳୁ ପିନ୍ଧି ସାରିଥାନ୍ତ କି ନାହିଁ ?‘ ପତ୍ନୀଙ୍କୁ ବୁଝାଇବାକୁ ଚେଷ୍ଟା କଲା ଜୀବନ ଦାସ।

-‘ ତୁମେ ଏବେ ଏତେ ଜିଗର କରୁଛ କ’ଣ ପାଇଁ ?ଲାଜ ମାଡୁନି ତୁମକୁ। କାମ ଦାମ ଛାଡି ମୁଁ ଏବେ ନୂଆ ଲୁଗାପଟା ପିନ୍ଧି ବୁଲିବି ? ଆଜି ପୁଣି ମଧୁ ଆଉ ତୁମ ଜୋଇଁ ଆସି ପାରନ୍ତି। ସେମାନଙ୍କ ଆଗରେ ପୁଣି କହିବ କି ଏଇ ବ୍ଲାଉଜର କଥା ?‘ ସ୍ୱାମୀ କୁ ଆକଟ କରିବାକୁ ଚେଷ୍ଟା କରୁଥିଲା ମଧୁ ମା’।

-‘ ଆରେ ଏଥିରେ ଲାଜ ମାଡିବାର କ’ଣ ଅଛି ?ମୋ ସ୍ତ୍ରୀ କୁ ମୁଁ ଯାହା ଦେଲି କାହାର କ’ଣ କହିବାର ଅଛି ?‘ ଏତିକିରେ କଥା ସାରି ଜୀବନ ଦାସ ଫେରି ଯାଇଥିଲା ଅତୀତକୁ।ତା ଆଖିରେ ସତେ ଯେମିତି ପୁରୁଣା ସ୍ମୃତି ଗୁଡ଼ିକ ତରଙ୍ଗାୟିତ ହେଉଥିଲା।

ମଧୁ ମା ଚୁପ୍ ହେଇଗଲା। ମୁଣ୍ଡ ତା’ର ତଳକୁ ଥିଲା। ଚାହିଁକରି ବି ସ୍ୱାମୀଙ୍କ ମୁହଁକୁ ଚାହିଁ ପାରୁନଥିଲା।

-‘ ଆଚ୍ଛା ନ ପିନ୍ଧ !‘ ଏତିକି କହି ଜୀବନ ଦାସ ବାହାରି ଗଲା ଘରୁ।

ମଧୁ ମା’ ଟିକିଏ ଭଲକରି ନିଃଶ୍ୱାସ ନେଲା।ତା ଆଖି ପୁଣି ସେଇ ବ୍ଲାଉଜ୍ ଉପରେ ପଡିଲା। ହାତକୁ ଆଣି ଭଲକରି ଦେଖିଲା। ସ୍ୱାମୀ ହାତର କାରୁକାର୍ଯ୍ୟ ସେ ମନଭରି ଉପଭୋଗ କଲା। ମନେ ମନେ ଭାବିଲା ଥରେ ପିନ୍ଧି ଦେଖିବକି !! ପର ମୁହୂର୍ତ୍ତରେ ପୁଣି ଲାଜେଇ ଗଲା। ଏପାଖ ସେପାଖ ଆଖି ବୁଲେଇ ସେ ଜୀବନ ଦାସ କୁ ଖୋଜି ହେଲା।

-‘ ଏଇନେ ତ ? ଏଇଠି ଥିଲେ। କୁଆଡେ ଗଲେ ? ପିନ୍ଧିବାକୁ ନହେଲେ ମୋତେ ବାଧ କରିଥାନ୍ତେ !‘ ମନେ ମନେ ଭାବିଲା ମଧୁ ମା’।

ସଞ୍ଜ ଗଡିଯାଇଥିଲା। ଏତିକି ବେଳକୁ ଜୀବନ ଦାସ ଆସି ପହଁଚିଲା ଘରେ। ହାତରେ ଦୁଇଟି ପ୍ୟାକେଟ।

-‘ ଆରେ ଏତେ ବେଳଯାଏଁ ନୂଆ ଲୁଗାପଟା ପିନ୍ଧିନୁ ? ତୁ ବା କେମିତିକା ଲୋକ ! ଉଠ...ଉଠ୍...ଉଠ୍.. ଯା ଶୀଘ୍ର ପିନ୍ଧିପକା। ଜୀବନ ଦାସ ତଥାକଥିତ ପିଲାଳିଆମି ଆରମ୍ଭ କରି ଦେଇଥିଲା।

ମଧୁ ମା’ ପ୍ୟାକେଟ ଦୁଇଟିକୁ ଖୋଲି ଦେଖିଲା। ଗୋଟିଏ ରେ ତା’ ପସନ୍ଦର ବେସନ ଲଡୁ,ଆଉ ଗୋଟିଏରେ ଫତେଇ ଟିଏ।

-‘ ତୁମେ ଆଗ ତୁମର ଫତେଇ କୁ ପିନ୍ଧ ତ।ତେଣେ ସଞ୍ଜ ଦେବା ସମୟ ଗଡ଼ି ଯାଉଛି।‘ ମଧୁ ମା’ ସେଠୁ ଭିତରକୁ ଚାଲିଗଲା। ପତ୍ନୀର କୃତ୍ରିମ ରାଗ ଜୀବନ ଦାସ ମନଭରି ଉପଭୋଗ କଲା।

-‘ ତୋତେ ମୋ ରାଣ। ଏବେ ତୁ ବି ପିନ୍ଧିପକା ନା।‘

ଏତିକି ଶୁଣିବା ପରେ ମଧୁ ମା’ର ହୃଦୟ ଯେମିତି ଖୁସିରେ ନାଚି ଉଠିଲା। ଗୋଟିଏ ଅଦ୍ଭୁତ ପ୍ରକାର ପୁଲକ ତା’ର ଶିରା ପ୍ରଶିରା ରେ ଖେଳିଗଲା।ଅଙ୍ଗେ ଅଙ୍ଗେ ଯେମିତି ବେପଥୁ ଜାଗି ଉଠିଲା।

ନୂଆ ଶାଢୀ ବ୍ଲାଉଜ ପିନ୍ଧି , ମୁଣ୍ଡରେ ଓଢ଼ଣା ଦେଇ ମଧୁ ମା ସିଧା ଚାଲିଗଲା ଠାକୁର ଘରକୁ। ସେଇଠୁ ପୁଣି ଚଉଁରା ପାଖକୁ।ସଂଧ୍ୟା ଦୀପ ଜଳାଇ ଫେରିଲା ବେଳକୁ ଜୀବନ ଦାସ ସତୃଷ୍ଣ ନୟନରେ ତା’କୁ ଚାହିଁ ରହିଥିଲା।

ମଧୁ ମା’ ନଇଁପଡ଼ି ସ୍ୱାମୀର ପାଦ ଛୁଇଁବାର ଉପକ୍ରମ କଲା ବେଳକୁ, ଜୀବନ ଦାସ ତାକୁ ଛାତିରେ ଜଡେଇ ଧରିଲା।

-‘ ଆଜି ବାଉନ ବର୍ଷ ହେଲା ଆମ ବାହାଘରକୁ।‘

ଜୀବନ ଦାସ କଥାରେ ସଲ୍ଲଜ ହସିଲା ମଧୁ ମା...।

*କୁଞ୍ଜବିହାରୀ ଲେନ, କଟକ*

# ଦୁଃଖଗୀତ

**ରବିନାରାୟଣ ଦାଶ**

॥ ୧ ॥

ତିନି ମହଲା ଗୋଟେ ବିରାଟ କୋଠାର ସେ ମାଲିକାଣୀ। ଘରେ କାମ କରିବାକୁ ଦି’ଚାରିଟା ଚାକର ପୂଜାରୀ। ଘର ଭିତର ବାହାର ଚିକ୍‌ଚିକ୍। ବିରାଟ୍ ବେଡ୍ ରୁମ୍, ରୁମ୍‌କୁ ସାଜିଲା ଭଳି ପଲଙ୍କ, ଗଦି, ଆସବାବପତ୍ର। ପାଟି ଖୋଲିଲେ ଜିନିଷ ଆସି ହାତରେ ପାଆନ୍ତାରେ ହାଜର। ହାତରେ କାମ ବୋଲି କିଛି ନାହିଁ। କେବଳ ଆରାମ କର, ଖାଅପିଅ, ଶୁଅ। ତଥାପି ତାକୁ ନିଦ ନାହିଁ। ରାତିରାତି ସେ ଅନିଦ୍ରା।

ଘର ଆଗରେ ସୁନ୍ଦର ଲନ୍, ଲନ୍‌ରେ ଦୋଳି, ପାଦତଳେ ମୁଲାୟମ ଘାସର ଗାଲିଚା। କେବେ ମନ ହୁଏନା ସେ ଦୋଳିରେ ଝୁଲିବାକୁ।ଟେରାସରେ ବିଞ୍ଛିହୋଇପଡ଼ିଛି ଜହ୍ନ। ରୁଫ୍‌ଟପ୍ ଗାର୍ଡେନରେ ଲଦି ହୋଇଯାଇଛି ଫୁଲ, ଫଳଗଛ। ତାକୁ କିନ୍ତୁ ମିନିଟିଏ ବି ଛାତ ଉପରେ ବୁଲିବାକୁ ଇଚ୍ଛା ହୁଏନା।

ପୋର୍ଟିକୋରେ ଥୁଆ ହୋଇଛି କାର୍। ସବୁବେଳେ ତୟାର୍ ହୋଇରହିଛି ଡ୍ରାଇଭର୍। ଯେଉଁଠିକୁ ଇଚ୍ଛା ନେଇଯିବ ସାଙ୍ଗେ ସାଙ୍ଗେ। ବେଳାଭୂମିରୁ ମାର୍କେଟରୁ, ସିନେମା ହଲରୁ ସପିଂ ମଲ୍। ହେଲେ ତା’ର ମନ ଡାକେନା ବୁଲିବାକୁ। ଯାହା ସହ ସମୟ ବିତାଇବାକୁ ସେ ବିକଳ, ସେ ଲୋକଟି ତ କେବେ ଧରାଛୁଆଁ ଦେଉନି। କୁଆଡ଼େ ବୁଲୁଛି ଖବର ବି ଟିକେ ଦେଉନି। ସବୁବେଳେ କାମ ଆଉ କାମ। ନୀହାରିକା ଜାଣିଛି କେଉଁ କାମରେ ସେ ବ୍ୟସ୍ତ। ଅନ୍ୟ ଝିଅଙ୍କ ସୁଗନ୍ଧ ନିଜ ଦେହରେ ଆଣି ଲୋକଟା ଯେତେବେଳେ ଘରକୁ ଫେରେ ନୀହାରିକା ମନ ବିଷେଇ ଯାଏ। ଆଖି ଛଳଛଳ ହେଇଯାଏ।

॥ ୨ ॥

ଟୁଆଁଟୁଇଁ ପରି ଦିହେଁ ବସିଥିବେ ମୁହଁସଞ୍ଜ ବେଳେ ଦୋଳିରେ। ବଗିଚାର ଫୁଲମାନଙ୍କୁ ଛୁଇଁଛୁଇଁ ଯାଉଥିବେ ହାତରେ। କେବେକେବେ ହାତଧରାଧରି ହେଇ ଯାଉଥିବେ ମାର୍କେଟିଂ। କେବେ ସିନେମା ତ କେବେ ବେଳାଭୂମିରେ ବସିଥିବେ ଦିହେଁ ଲଗାଲଗି ହେଇ। ଯୁଗଳ ଜୀବନରେ ବିଭୋର ଦୁଇ ଆତ୍ମା। ଯେମିତିଆ ସ୍ୱପ୍ନର ଘରଟିଏ କେବେ ଦେଖିଥିଲା ନୀହାରିକା ଅବିକଳ ସେମିତିଆ ଘରଟିଏ ତିଆରି ଦେଇଛନ୍ତି ଅବିନାଶ। ଘର ସାମ୍ନାରେ ଛୋଟିଆ ଫୁଲ ବଗିଚାଟେ। ବାଲ୍‌କୋନି ପଟକୁ ଫାଙ୍କା ପଡ଼ିଆ। ସକାଳେ ଦିହେଁ ବାଲ୍‌କୋନିରେ ବସି ଚା’ ପିଅନ୍ତି। ଅଫିସ ଗଲାବେଳେ ଅବିନାଶ ଚୁମାଟିଏ ଆଙ୍କିଦେବେ ଗାଲରେ। ଅଫିସରୁ ତିନି ଥର ଫୋନ୍ ଭଲମନ୍ଦ ବୁଝିବାପାଇଁ। ତଥାପି ସହଜ ହେଇପାରେନା ନୀହାରିକା। ସକାଳୁ ଘର ସାମ୍ନା ରାସ୍ତାରେ କିଚିରିମିଚରି ଶବ୍ଦ କରି ଚାଲିଯାଉଥିବା ଦଳେ ସ୍କୁଲ୍ ଛୁଆ ଓ ତାଙ୍କ ମା’ମାନଙ୍କୁ ଦେଖିବା ପରେ ଛାତି କ’ଣ ହେଇଯାଏ ନୀହାରିକାର। ବାହାଘରକୁ ଆଠବର୍ଷ ହେଇଗଲା କୋଳ ଖାଲି। ନୀହାରିକା ଅନେକ ଥର ସ୍ୱପ୍ନ ଦେଖେ କାନ୍ଧରେ ସ୍କୁଲ୍ ବ୍ୟାଗ ବୋହି ସେ ଚାଲିଛି, ଆଗରେ ନାଚିନାଚି ଯାଉଛି କୁନି ଝିଅ, ଅବିକଳ ତା’ ଭଳି ଦେଖାଯାଉଛି। ନିଦ ଭାଙ୍ଗିଯାଏ ତା’ର। ଆଖି ଛଳଛଳ ହେଇଯାଏ।

॥ ୩ ॥

ପରିପୂର୍ଣ୍ଣ ଜୀବନଟେ ଜିଇଁଛନ୍ତି ସେମାନେ। ଅବସର ପରେ ଶ୍ରୀନିବାସ ଅଧିକାଂଶ ସମୟ ଘରେ। ଦୀର୍ଘଦିନର ସ୍ୱପ୍ନ ପୂରଣ କରି ପେନସନ୍ ଟଙ୍କାରେ ତିଆରି କରିଛନ୍ତି ମନଲାଖି ଗୋଟେ ଘର। ଘର ପଛରେ ପନିପରିବା ବଗିଚା। ସେଇଠି ସକାଳ, ଅପରାହ୍ଣ ବିତୁଛି ତାଙ୍କର। ଭଳିକିଭଳି ନାନା ପ୍ରକାର ଫସଲରେ ହସୁଛି ବଗିଚା। କାରଟେ ବି କିଣିଛନ୍ତି, ଯଦିଓ ନିଜେ ଚଲେଇ ଶିଖି ନାହାନ୍ତି କି ଶିଖିବାର ବୟସ ବି ନାହିଁ। ଅକାଳସକାଳକୁ ପାଖରେ ରହୁଥିବା ଡ୍ରାଇଭରକୁ ଡାକିଲେ ବୁଲେଇ ନେଉଛି ସେ ତୀର୍ଥସ୍ଥଳୀ। ଶ୍ରୀନିବାସ ପଚାରନ୍ତି ପୁଣି କାହିଁକି ମନଉଣା କରିଛ ? ସୁଜାତା କିଛି କହନ୍ତି ନାହିଁ କେବଳ ଦୀର୍ଘଶ୍ୱାସଟିଏ ଛାଡ଼ନ୍ତି ଯାହା। ଭଗବାନ୍‌ଙ୍କ ଦୟାରେ ଦୁଇ ପୁଅ ଭଲ ଜାଗାରେ ଚାକିରି କରିଛନ୍ତି, ଝିଅ ଦି’ଟା ବି ଭଲ ଘରେ ବାହା ହେଇଛନ୍ତି। ନିହାରିକା ଚିନ୍ତା କରିଥିଲେ ଅବସର ପରେ ଆଉ କିଛି ଝିନଝଟ୍ ନାହିଁ। ଶ୍ରୀନିବାସଙ୍କ ସହ ମନଖୋଲି ଗପିବେ, ସମୟ ବିତାଇବେ। ସେ ସ୍ୱପ୍ନ କ’ଣ ସତ ହେଇପାରୁଛି ? ଶ୍ରୀନିବାସ ପାଖରେ ଅଛନ୍ତି, ହେଲେ ତା’ ମନରେ ସରସତା ନାହିଁ। ଶ୍ରୀନିବାସ କିଛି ବୁଝିପାରୁ ନାହାନ୍ତି ମାତ୍ର ସୁଜାତା ବୁଝିପାରୁଛନ୍ତି ନିଜ ପିଲାମାନଙ୍କର ଅଭିମାନକୁ। ସମସ୍ତଙ୍କର ନଜର ଥିଲା ବାପାଙ୍କ ପେନସନ୍ ଟଙ୍କା ଉପରେ। ସମସ୍ତେ ନିଜ ନିଜର ଯୋଜନାରେ ଥିଲେ, ବାପା ନିଶ୍ଚୟ ଆମକୁ କିଛି ଟଙ୍କା ଦେବେ। କିଏ ଭାବୁଥିଲା ଗାଡ଼ି କିଣିବ ତ କିଏ ଭାବୁଥିଲା କିଛି ପଇସା ପାଇଲେ ହାତରୁ କିଛି ମିଶାଇ ନିଜର ଜାଗା କିଣିବ। ହେଲେ ଶ୍ରୀନିବାସ ନିଜ ସ୍ୱପ୍ନ ପୂରଣ କଲେ। ଦିନରାତି ଖଟୁଥିଲେ ନିଜର ଗୋଟେ ଘର, ନିଜର ଗୋଟେ ଗାଡ଼ି, କିଛି ନିରୋଳା ମୁହୂର୍ତ୍ତପାଇଁ। ପିଲାମାନଙ୍କ ପାଇଁ ସବୁକିଛି ସେ ତ୍ୟାଗ କରିଦେଲେ, ହେଲେ ନିଜର ଖୁସିଟିକେ ଦେଖିଲାବେଳକୁ ପିଲାମାନେ ମୁହଁ ଫୁଲାଇଦେଉଛନ୍ତି। ଘର ତିଆରି ଦିନଠୁ ପୁଅ-ଝିଅ କେହିବି ଆସୁ ନାହାନ୍ତି, ନାନା ବାହାନା ଦେଖାଇ ବୋହୂମାନେ କଥା ଟାଳିଦେଉଛନ୍ତି। ସୁଜାତା ସବୁ ବୁଝିପାରୁଛନ୍ତି, ନିଜ ପିଲା ଯେତେବେଳେ ଏମିତି ହେଉଛନ୍ତି କାହାକୁ ସେ କହିବେ ଯେ ଦୁଃଖ।

ସୁଜାତାଙ୍କ ଆଖି ଛଳଛଳ ହେଇଯାଏ।

*ନିୟୁକଲୋନୀ, ଗଣ୍ଡରପୁର, କଟକ*

*ମୋ-୯୪୩୭୦୯୧୬୩୭*

## ଶେଷଗୀତି

*ସୁଧାକର ରାଉତ*



କଣ୍ଟାର ର ଆଘାତ ଅବା
ସହୁଥିବି କେତେ
ଯନ୍ତ୍ରଣା କୁ ସାଥୀ କରି
ସମୟ ତ ବିତେ ।
କେତେ ଆଉ ସାଇତିବି
ସେ ସ୍ମୃତିର ଜଳ
ତୃଷାର୍ତ୍ତ ଜୀବନେ ଏବେ
ସେହି ଏକା କାଳ ।
ସବୁ ତିକ୍ତତାକୁ ମଧୁ
ଭାବି କରି ପାନ
ତୃଷାତୁର ପ୍ରାଣ ଶାନ୍ତ
ହୁଏ ନାହିଁ କ୍ଷଣ ।
ତୁମେ ସିନା ଝରିଗଲ
ହୋଇ ଝରାଫୁଲ
ବୁଝିତ ପାରିଲ ନାହିଁ
ମୋ ପ୍ରୀତିର ମୂଲ ।
ବିଦା ହେବା ବେଳେ ତୁମ
ଓଠ ଦୁଇ ଧାରେ
ଅସ୍ୱଷ୍ଟ ଭାବରେ କିଛି
କହୁଥିଲା ଧୀରେ ।
ଶବ୍ଦ ସବୁ ଅନ୍ଧାର ରେ
ହଜିଗଲା କାହିଁ
ଉଦାସୀନ ନୟନେ ମୁଁ
ରହିଅଛି ଚାହିଁ ।
ନିରୀହପଣ ର ସ୍ମୃତି
ଅହରହ ଘାରେ
ଛଟପଟ ମନ ତାକୁ
କିସ ଭାବି ଧରେ ।
ଜୀବନ ଅଣ୍ଟାଳେ ଏବେ
ସେ ସ୍ମୃତିରେ ପ୍ରେମ
ତୁମ ମନ କହିପାରେ
ସେ ଟା ମୋର ଭ୍ରମ ।
ନିସ୍ତେଜ ଅଚଳ ଦେହେ
କିବା ଅଛି ବାକି
ଗନ୍ତବ୍ୟର ପଥ ଖୋଜି
ଆଖି ଯାଏ ଥକି ।
ରକ୍ତଭିଜା କାହାଣୀ ରୁ
ପୃଷ୍ଠା ହୋଇ ଛିନ୍ନ
ସମୟ ସମୀରେ ମୋ ଠୁ
ହୋଇଯାଏ ଭିନ୍ନ ।

*ପ୍ରତାପ ନଗରୀ, କଟକ*
*ମୋ - ୮୨୪୯୯୩୨୭୯୨*

## ରଥ ଅଭିଳାଷ

*ବାପିନି ସିଂ*



ଶ୍ରୀ ମନ୍ଦିର ଶୀର୍ଷେ ? ଉଡୁଛି ହରଷେ
ପ୍ରଭୁଙ୍କ ଦର୍ଶନେ ନେତ ,
ମହାପ୍ରଭୁ ଆଜି ହୋଇଛନ୍ତି ବିଜେ
ଦେଖିବେ ବୋଲି ଭକତ ।
ଭକ୍ତ ଭଗବାନ ସମ୍ପର୍କ ଅସୀମ
ଭକ୍ତ ଆସୁଛନ୍ତି ମାଡ଼ି ,
କାଳେ କଉ ଭକ୍ତ ରହିବ ବଞ୍ଚିତ
ରଥ ନ ଯାଉଛି ଗଡ଼ି ।
କିଏ ଭକ୍ତିଭାବେ ନଡ଼ିଆ ଯେ ଯାଚେ
କିଏ ଦୂରୁ ନମସ୍କାର ,
ତୋ ଚକା ଆଖିରେ ଚକା ନୟନରେ
ରଥପୁରୁ ଭକ୍ତ ତୋର ।
ତୋ ନୟନେ କେହି ବଡ଼ ହୁଏ ନାହିଁ
ହୁଏ ନାହିଁ କେହି ସାନ ,
ବଡ଼ ଏକା ତୁହି ରାଜାଠୁ ସିପାହୀ
ତୋ ଆଗେ ସବୁ ସମାନ ।
ବଡ଼ ତୋର ଦାଣ୍ଡ ବଡ଼ ତୋର ପଣ୍ଡା
ତୋର ସେ ବଡ଼ ମନ୍ଦିର ,
ବଡ଼ ତୋର ଭୋଗ ବଡ଼ ତୋ ଭକତ
ବଡ଼ ତୋର ଦରବାର ।
ତୋ ପାଖକୁ ଆସି ଯାଇନାହିଁ କେହି
ଖାଲି ହାତେ କେବେ ଫେରି ,
ତୋ ଦର୍ଶନ ପାଇଁ ବସିଛି ଅନେଇ
ଲାଗିବ କେବେ ତୋ ଡୋରି
।ରଥଯାତେ ଆଜି ନନ୍ଦିଘୋଷେ ବସି
ଯିବୁ ମା’ ଗୁଣ୍ଡିଚା ପାଶେ ,
ତୋ ରଥ ଦଉଡ଼ି ନେବି କେବେ ଭିଡ଼ି
ରହିଲି ସେ ଅଭିଳାଷେ ।

*ସ୍ନାତକୋତ୍ତର ଅର୍ଥଶାସ୍ତ୍ର ବିଭାଗ ଛାତ୍ର*
*ଫକୀରମୋହନ ବିଶ୍ୱବିଦ୍ୟାଳୟ , ବାଲେଶ୍ୱର*
*ଦୂରଭାଷ : ୯୯୩୭୮୨୦୮୩୧*

## ପ୍ରୀତି ପ୍ରଣୟ

*ଯୁଧିଷ୍ଠିର କୁଅଁର*



ପ୍ରଣୟ ପରାଗେ ପ୍ରୀତି ପ୍ରଜାପତି
ଫଗୁଣର ଫଗୁ ବୋଳେ।
ମନ ଉପବନେ କାମନା କୁମୁଦ
ଅନୁରାଗ ଅଶ୍ରୁ ଢାଳେ॥୫॥
ପ୍ରେମ ଚିଟାଉରେ ସାଇତା ସପନ
ଗହନ ଗୋପନ ଭାଷା।
ପଙ୍କ୍ତିରେ ଝରଇ ପ୍ରେୟସୀର ପ୍ରୀତି
ବଢାଏ ମିଳନ ତୃଷା॥୬॥
ପ୍ରୀୟାର ପଣତ ପ୍ରୀତିର ପିଞ୍ଜୁରି
ମୋ ମନ ପକ୍ଷୀର ଘର।
ସ୍ମୃତି ବିଜଡ଼ିତ କାହାଣୀ ବିସ୍ତୃତ
ପ୍ରେମ ଜନ୍ମ ଜନ୍ମାନ୍ତର॥୭॥

*ଡଗରପଡା, ବାଲେଶ୍ୱର।*
*୯୦୪୦୬୩୨୧୯୪*

## ଶ୍ରମିକ

*ଆଦ୍ୟାଶା ମହାପାତ୍ର*



ଶ୍ରମଜୀବୀ ଟିଏ ନୀରବେ କାନ୍ଦଇ
ମରମେ ମରଇ ବ୍ୟଥା
କିଏ ବା ବୁଝିବ ଭଲମନ୍ଦ ତା’ର
ଅନ୍ତର ତଳର କଥା ॥
ଭୂମିହୀନ ସିଏ ଅଭାବରେ ପଡି
ପୋଥିରେ ବାନ୍ଧଇ ଡୋର
ଘର ପରିବାର ଦୁଃଖ ହାରିବାକୁ
ଭିଟାମାଟି କରେ ପର ॥
ଟଙ୍କା କେଇଟାରେ ଜୀବନଟା ବିକି
ବୁହାଏ ରକତ ଝାଳ
ପ୍ରିୟଜନ ତୁଣ୍ଡେ ଭଲକରି ଗଣ୍ଡେ
ଦେବାକୁ ଶାଗ ପଖାଳ ॥
ସ୍ୱାର୍ଥୀ ମାଲିକର ଅଶାଳୀନ ଭାଷା
ଦଲାଲର ଅତ୍ୟାଚାର
ସହେ ପୁଣି ସିଏ ଅସହ୍ୟ ଯନ୍ତ୍ରଣା
କରି ଲୁହ ଲହୁ ଛାର ॥
ସେ ଗଢଇ କେତେ କଳ କାରଖାନା
ନଭଶ୍ଚୁମ୍ୱୀ ଅଟ୍ଟାଳିକା
ମୁଣ୍ଡ ବିକିଛି ସେ ପ୍ରବାସରେ ଯାଇ
ଅସ୍ଥାୟୀ ତା’ର ଜୀବିକା ॥
କରଇ ସେ କର୍ମ ସେଇ ତା’ର ଧର୍ମ
ହୃଦୟରେ ଭରା କୋହ
ଗୋଡ଼ି ସିମେଣ୍ଟରେ ବୋଳିହୋଇ ସିଏ
ଭରଇ ଜୀବନେ ମୋହ ॥
ଆମ ପରି ଜଣେ ମଣିଷ ଟିଏ ସେ
ଖୋଜଇ ଟିକେ ଆଦର
ଏ ସମାଜ ବୁଝି ଶ୍ରମିକର ଦାନ
କରୁ ଯଥା ଉପଚାର ॥

*ନୂଆପଡା, କଟକ*

## ସ୍ମୃତି

*ରତ୍ନକାନ୍ତି ମିଶ୍ର*



କେତେବେଳେ କେମିତି
ତମେ ମୋ ପାଖକୁ ଆସ
କେମିତି ବି
ଅଚାନକ ଚାଲିଯାଅ ତୁମେ
ମୋ ଅଲକ୍ଷ୍ୟରେ... !
ମୁଁ ଛନ୍ଦି ହେଉଥାଏ
ବୁଢିଆଣୀ ଜାଲରେ... !

ତମେ ଆସିଲେ
ତୁମ ପଛେ ପଛେ ଆସେ
ଫଗୁଣ ମାସ
ସୁମନର ଭୁରୁଭୁରୁ ବାସ
କୋଇଲି ର କୁହୁ ତାନ
ଚିତ୍ରିତ ଆକାଶ
ପୁଣି ଆସେ
ତମର ସେ ପ୍ରୀତିଷ୍ପଦ ହସ... !

ତମେ ଗଲାପରେ କିନ୍ତୁ
ବହେ ଏଠି
ଦୁଃଖର ବତାସ
ଭିଜି ଯାଏ ଅଶ୍ରୁର ବନ୍ୟାରେ
ମୋ ମନ ଆକାଶ
ଭାଙ୍ଗି ହୁଏ ଚୁନା ଚୁନା
ସବୁ ମିଠା ସ୍ୱପ୍ନ
ରଚିଯାଏ ନୂଆ ଏକ
ସ୍ମୃତି ଇତିହାସ.... !!!!

*ଆଳି, କେନ୍ଦ୍ରାପଡା*

## ରଥ ଦିଅଁ ପଥ ଦିଅଁ, ବଡ଼ ଦିଅଁ କାଳିଆ

*ତାରାପ୍ରସାଦ ଜେନା*



ରଥ ଦିଅଁ ପଥ ଦିଅଁ, ବଡ଼ ଦିଅଁ କାଳିଆ
ଜଗତରେ କେହି ହେଲେ.. ନାହିଁ ତାର
ଭଳିଆ ! ୦ !
ଲୁହ ସାଥେ ମୋହ ରଖି, ଡାକ ପ୍ରାଣ
ଠାକୁରଦୁଃଖ ପୋଛି ସୁଖ ଦେବ, ନାହିଁ
ବାଛ ବିଚାର
ଗୁଣ୍ଡିଚାରେ ଉଭା ସିଏ,
ଧରି ଭାଇ ବଳିଆ ! ୧ !
ସୁଭଦ୍ରା ସେ ଭଉଣୀଟେ ବଡ଼ ଗେଲି ନିଜର
ସଙ୍ଗେ ଧରି ବୁଲାଉଛି, ଦଶ ଦିନ ଯାତ୍ରାର
ମାଉସୀର ପୋଡ଼ପିଠା,
ଶ୍ରଦ୍ଧା ଖିଆ ଚଳିଆ ! ୨ !
ଜଗତର ଜଗବନ୍ଧୁ, ନାଳି ହସ ଅଧର
ଦିବ୍ୟ ଭବ୍ୟ ଦରଶନେ, ପୁଣ୍ୟ ପ୍ରାଣ
ଆଧାରମହାଲକ୍ଷ୍ମୀ ନେଇନାହିଁ,
ନିଜେ ସାଜି ଛଳିଆ ! ୩ !

*ରାଜ ରଣପୁର, ଜିଲ୍ଲା- ନୟାଗଡ଼,*
*ପିନ୍-୭୫୨୦୨୬*
*ଦୂରଭାଷ- ୯୩୪୮୦୫୪୩୦୦*

## ରାତି କଣ ରହେ ସବୁଦିନ

*ସ୍ନିଗ୍ଧା ପଣ୍ଡା*

ଝଡ ଆସିବ ତ, ଆସୁ
ଭାଙ୍ଗି ଦେବ କିଛି ଘର, ଗଛ, ରାସ୍ତା
ମନ କଣ ଘର ନା ଗଛ ହୋଇଛି ଯେ
ଭାଙ୍ଗିଯିବ !
ଝଡ ଆସି ଚାଲିଗଲା ପରେ
ପୁଣି ଥରେ ଅଶା ଗଜୁରିବ
ପାପୁଲି ଘୋଡେଇ ଦେଲେ
ମହାଦ୍ରୁମ ପାଲଟିବ
ଲୁହ, ରକ୍ତ ନଇ କୂଳେ, କୂଳେ ।
ଆସୁଛି ମାଡି ଜୁଆର ତ, ଆସୁ
କୂଳର ଶାମୁକା ଭାସିଯିବ
ବାଲି ଡେଇଁ ରାସ୍ତା ଭିଜିଯିବ
ମନଟାଣ କରି ପାଦକୁ ଦୃଢ କରିଥିଲେ
ମୁଣ୍ଡକୁ ନଇଁ ଦେଲେ
ଜୁଆର ବି ଡେଇଁ ଚାଲିଯିବ
ଅନ୍ଧାର ଆସିବ ତ, ଆସୁ
ରାତି କଣ ରହେ ସବୁଦିନ ?
ଅନ୍ଧାରରେ ବାଟ ଯଦି ହଜି ଯାଇଥିବ
ମନ ପୁଣି ଆଶା ବାଡି ଧରି
ଦିନ ବେଳେ ରାସ୍ତା ଖୋଜି ଦେବ
ତମେ ଖାଲି ଚାଲୁଥାଅ ଆଗକୁ
ଅନ୍ଧାରକୁ ଭୟ କଲେ ସିନା
ଠେଲି ଦେବ ସିଏ ପଛକୁ ପଛକୁ ।

*ଗଣ୍ଡମୁଣ୍ଡା, ଭୁବନେଶ୍ୱର*
*ମୋ:୯୮୬୧୩୨୩୬୫୦*

# ସଂପର୍କ



**ଦୁଷ୍ମନ୍ତ ବେହେରା**

ରାଧାଗୋପାଳପୁର ଗାଁ ରେ ଚାରିଶହ ପରିବାର ଲୋକ ବାସ କରନ୍ତି। ରାଧାଗୋପାଳପୁର ଗାଁ ରେ ବାସ କରନ୍ତି କୃପାସିନ୍ଧୁ ଦଳେଇ ଙ୍କ ପରିବାର ବାସ କରନ୍ତି। ପରିବାର କହିଲେ ସ୍ତ୍ରୀ-ରୂପସି ଦଳେଇ ପୁଅ-ହରିଆ ଦଳେଇ ଝିଅ-ପୁଚି ଦଳେଇ ହରିଆ କୁ ୧୧ ବର୍ଷ ପୁଚି କୁ ୧୦ ବର୍ଷ ହୋଇଥାଏ। ବେଶ ହସ ଖୁସିରେ ଚଳନ୍ତି। ସୋମବାର ରୁ ଶନିବାର ପର୍ଯ୍ୟନ୍ତ ଅଫିସ କାମରେ ବ୍ୟସ୍ତ ରହନ୍ତି। ଗୋଟିଏ ଦିନ ଛୁଟି ରବିବାର ମିଳିଲେ କିଛି କିଛି ଜିନିଷ କିଣିବା ପାଇଁ ବଜାରକୁ ବାହାରନ୍ତି।

କୃପାସିନ୍ଧୁ ଓ ତାଙ୍କ ସ୍ତ୍ରୀ ରୂପସି ବଜାରକୁ ଯିବା ପାଇଁ ସମୟ ସ୍ଥିର କଲେ। ପୁଅ ଝିଅ ହରିଆ ପୁଚି କୁ ଡାକି କହିଲେ ତମେ ବଜାର ଯିବ ହରିଆ ମାଙ୍କ ପାଖକୁ ଦୌଡିଯାଇ ଗେଲ ହୋଇ କହିଲା ମା ଆମେ ବଜାର ଯିବୁ ନାହିଁ। ତା ହେଲେ ଘରେ କଣ କରିବ। ଆମେ ଏଇ ଛୋଟ ମୋଟ ଟିକେ ଖେଳ ଖେଳିବୁ। ମା କହିଲେ କୌଣସି ଜିନିଷ ରେ ଲାଗିବ ନାହିଁ କି ବ୍ୟଟ୍ ବଲ୍ ଖେଳିବ ନାହିଁ।ହରିଆ କହିଲା ଆମେ ତମ କଥା ରେ ରାଜି।

କୃପାସିନ୍ଧୁ ଓ ସ୍ତ୍ରୀ ରୂପସି ବାହାରି ପଡିଲେ ବଜାରକୁ ଏହାର ସୁବିଧା ନେଇ ହରିଆ ଓ ପୁଚି ନିଜ ବନ୍ଧୁ କୁ ଡାକି ବା ପାଇଁ ତାଙ୍କ ଘରକୁ ଗଲେ। ବନ୍ଧୁ ବୁଲୁ ଓ ଗେଲି ହରିଆ ଙ୍କ ଘରକୁ ଆସିଲେ। କିନ୍ତୁ ହରିଆ ଚୋର ପୋଲିସ ଖେଳ ଖେଳିବାକୁ କହିଲା ସମସ୍ତେ ତା କଥାରେ ହଁ ମାରିଲେ ଖେଳ ଆରମ୍ଭ ହେଲା।କିଛି ସମୟ ପରେ କୃପାସିନ୍ଧୁ ଓ ସ୍ତ୍ରୀ ରୂପସି ଘରକୁ ଫେରିଲେ ଘର ଭିତରକୁ ପସିବା ବେଳେ ସମସ୍ତେ ନିରବ ଓ ଚୁପ୍ ଚାପ ଦେଖି ବାପା ପଚାରିଲେ କଣ ସୁନସାନ ହୋଇଛି ଘରଟା। ସ୍ତ୍ରୀ କୁ କହିଲେ ଗଲ ଦେଖିବ କଣ ହୋଇଛି।

ମା ପଚାରିଲେ କଣ ହୋଇଛି ହରିଆ ମାଙ୍କ ଗାଳି ଏମିତି ବେଳେ ବେଳେ ସହିବାକୁ ପଡେ। ମାଙ୍କୁ ଟିକେ ଟିକେ ରାଗଲାଗେ କିନ୍ତୁ ଭଲଲାଗେ।

ରୂପସି ଧୀର କଣ୍ଠ ରେ ପଚାରିଲେ କଣ ହୋଇଛି ନୀରବ କାହିଁକି କିଛି ସମୟ ପରେ ଉତ୍ତର ଆସିଲା ଭାଙ୍ଗି ଯାଇଛି।

କଣ ଭାଙ୍ଗିଛି କୃପାସିନ୍ଧୁ ରୂପସି ଯାଇ ଦେଖିଲେ ଫୋଟ ଫ୍ରେମ୍ ଟି ତଳେ ପଡି ଭାଙ୍ଗିଯାଇଛି।ମା ପଚାରିଲେ କିଏ ଭାଙ୍ଗିଲା ହରିଆ କହିଲା ମା ମୁଁ ଭାଙ୍ଗିଛି ମା ପୁଣି ପଚାରିଲେ ସତ କହ କିଏ ଭାଙ୍ଗିଛି ପୁଚି କହିଲା ମୁଁ ଭାଙ୍ଗିଛି ମା କୃପାସିନ୍ଧୁ ତଳେ ପଡିଥିବା ଫୋଟ ଫ୍ରେମ୍ କୁ ଖଣ୍ଡ ଖଣ୍ଡ ହୋଇଥିବା କାଚ ହାତରେ ମୁଠା କରି ଆଖିରୁ ବୋହି ଆସୁଥିଲା ଧାର ଧାର ଲୁହ। ହାତରୁ ଠୋପା ଠୋପା ହୋଇ ବାହାରୁଥିଲା ରକ୍ତ।ଛବି ଟିକୁ ଛାତିରେ ଜାବୁଡ଼ି ଧରି ଭୋ ଭୋ ହୋଇ କାନ୍ଦି ମା ମା ଡାକିଲେ। ଜନ୍ମ ଜନ୍ମ ର ସଂପର୍କ ଆଜି ତଳେ ପଡି ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ଯାଇଛି। ଭାଙ୍ଗି ଯାଇଥିବା କାଚ କଣ ଯୋଡିହବ। ଚିରି ଯାଇଥିବା ଛବି କଣ ସେପରି ଆଉ ହୋଇପାରିବ ଧାର ଧାର ଲୁହ ଠୋପା ମା କାଇଁ କେତେ ବରଷ ଏ ଦୁନିଆ ରେ ମୋ ପାଖରେ ଆଉ ନାହୁଁ। ଆଜି ଯେଉଁ ଫୋଟ ଗୋଟିକ ଥିଲା ସେ ଆଜି ଖଣ୍ଡ ଖଣ୍ଡ ହୋଇ ଯାଇଛି। ମାର ସ୍ମୃତି ଗୋଟି ଗୋଟି ହୋଇ ମନେ ପଡିଯାଉଛି। ଏଇ ଯେଉଁ ଜନ୍ମ ଜନ୍ମ ର ସଂପର୍କ ଆଖିରେ ଲୁହ ଠୋପା ମା ଙ୍କ ଫୋଟ ଉପରେ ବୋହି ଯାଉଛି। ରୂପସି ପଚାରିଲେ ସତ କଥା କୁହ କିଏ ଭାଙ୍ଗିଛି ପୁଚି କହିଲା ସତ କଥା ହେଉଛି ଭାଇ ଚୋର ପୋଲିସ ଖେଳୁଥିଲା। କିନ୍ତୁ ବୁଲୁ ଆଗରେ ଭାଇ ପଛରେ ବୁଲୁର ହାତ ବାଜି ଫୋଟ ଟି ତଳେ ପଡିଗଲା। ଭାଇ ମିଛ ଏଇଥିପାଇଁ କହିଲା ତା ସାଙ୍ଗ ସଂପର୍କ ଭାଙ୍ଗି ଯିବ ବୋଲି କହିଲା ସାଙ୍ଗ ଦୋଷ ପାଇବା ଆଗରୁ ନିଜ ମୁଣ୍ଡକୁ ଦୋଷ ନେଇଗଲା। ହରିଆ ଦୌଡ଼ିଆସି କହିଲା ମା ମୋ ସାଙ୍ଗ କୁ କିଛି କହିବୁନି ମୋତେ ଯେତେ ଗାଳି ଦଉଛୁ ଦେ ମୁଁ କିଛି କହିବିନି ବନ୍ଧୁତା ଦେଖି କୃପାସିନ୍ଧୁ କହିଲେ ତୁମ ବନ୍ଧୁତା ଜନ୍ମ ଜନ୍ମାନ୍ତର ରହୁ। ଯେମିତି ମୁଁ ମୋ ମା ସହିତ ଜନ୍ମ ଜନ୍ମାନ୍ତର ରହିଛି। ରୂପସି କହିଲେ ସେ ଫୋଟ ଟା କୃପାସିନ୍ଧୁ କହିଲେ ଭାଙ୍ଗି ଯାଇଥିବା ଜିନିଷ ଯୋଡିହୁଏନା। କିନ୍ତୁ ବନ୍ଧୁ ର ସଂପର୍କ ଭାଙ୍ଗି ଯାଇଥିଲେ ଯୋଡିହୁଏ। ଏଇ ଯେମିତି ଭାଙ୍ଗି ଯାଇଥିବା କାଚ ଯୋଡି ହୁଏନି। ଭାଙ୍ଗି ଯାଇଥିବା ମନ ଯୋଡି ହୋଇ ଯାଏ। ଇଏ ହେଉଛି ସଂପର୍କ।।।।

*ରାସୋଳ-ମୁଣ୍ଡିଆପଷି*
*ଢେଙ୍କାନାଳ-୭୫୯୦୨୧*
*ମୋ ନଂ -୯୯୩୭୬୫୨୫୦୪*

# ମୋ ଓଡ଼ିଶା

## ବିଦ୍ୟୁତ୍ କମ୍ପାନୀକୁ ଛାଡ଼, ଗ୍ରାହକ ମୁଣ୍ଡରେ ଅଠା ବୋଳିବେ ରାଜ୍ୟ ସରକାର

ବ୍ରହ୍ମପୁର (ପିଏନ୍): ଏକ ଜନକଲ୍ୟାଣ ରାଜ୍ୟରେ ସାଧାରଣ ଜନତାଙ୍କୁ ସୁବିଧା ସୁଯୋଗ ଦେବା ସରକାର ପ୍ରାଥମିକ ଦେବା ଉଚିତ। କିନ୍ତୁ ରାଜ୍ୟ ସରକାର ନିଜର ଅପାରଗତା ଏବଂ ବେପରୁଆ ମନୋଭାବ ଯୋଗୁ ଗତ ୧୦ ବର୍ଷରେ ଗ୍ରୀଡ଼କୋର କ୍ଷତି ହୋଇଥିବା ୭୭୮୮ କୋଟି ଟଙ୍କା ବିଦ୍ୟୁତ ଦର ବୃଦ୍ଧି କରି ରାଜ୍ୟର ୯୫ ଲକ୍ଷ ଉପଭୋକ୍ତାଙ୍କ ଠାରୁ ଆଦାୟ କରିବା ପାଇଁ ଚକ୍ରାନ୍ତ କରୁଥିବା ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ରାଜ୍ୟ ବିଦ୍ୟୁତ ଉପଭୋକ୍ତା ମହାସଂଘର ସଭାପତି ରମେଶ ଶତପଥୀ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସ୍ଥାନୀୟ ସିଟି ପେଲେସ୍ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଶତପଥୀ କହିଲେ ରାଜ୍ୟ ସରକାର ରାଜ୍ୟର ବିଦ୍ୟୁତ ଉପଭୋକ୍ତାମାନଙ୍କୁ ସ୍ୱଳ୍ପ ମୂଲ୍ୟରେ ନିରବିଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇବା ପାଇଁ ୧୯୯୫ ମସିହାରେ ରାଜ୍ୟ ବିଦ୍ୟୁତ ବୋର୍ଡକୁ ଭାଙ୍ଗି ବିଦ୍ୟୁତ ବିଭାଗରେ ସଂସ୍କାର ଆଣିଲେ । ପ୍ରଥମେ ପରିଚାଳନା ଗତ ଅପାରଗତା ଯୋଗୁ ସ୍ୱଳ୍ପ ମୂଲ୍ୟରେ ଟି.ଟି.ପି.ଏସ ଓ ଏନ.ଟି.ପି.ସିକୁ ବିକ୍ରି କଲେ । ରାଜ୍ୟ ସରକାରଙ୍କ ନିଜସ୍ୱ କମ୍ପାନୀ ଗ୍ରୀଡ଼କୋ ଓ ଜଳ ବିଦ୍ୟୁତ ନିଗମ ଗଠନ କଲେ । ଗ୍ରୀଡ଼କୋ ଦାୟିତ୍ୱରେ ବିଦ୍ୟୁତ ସରବରାହ, ବିଦ୍ୟୁତ କିଣା, ବିଦ୍ୟୁତ ବିତ୍ତରଣ ଦାୟିତ୍ୱ ରହିବାବେଳେ ଜଳ ବିଦ୍ୟୁତ ନିଗମ (ଓ.ଏଚ.ପି.ସି) ରାଜ୍ୟର ସମସ୍ତ ଜଳ ବିଦ୍ୟୁତ ପ୍ରକଳ୍ପର ରକ୍ଷଣାବେକ୍ଷଣା ନୂଆ। ଜଳ ବିଦ୍ୟୁତ ପ୍ରକଳ୍ପ ମାନ ନିର୍ମାଣ କରି ସ୍ୱଳ୍ପ ମୂଲ୍ୟରେ ରାଜ୍ୟର ବିଦ୍ୟୁତ ଗ୍ରାହକଙ୍କୁ ବିଦ୍ୟୁତ ଯୋଗାଇବାର ବ୍ୟବସ୍ଥା ରଲେ । ପରବର୍ତ୍ତୀ ସମୟରେ ବିଦ୍ୟୁତ ବିତ୍ତରଣ ଦାୟିତ୍ୱ ୪ଟି ବିତ୍ତରଣ କମ୍ପାନୀ ସେସ୍କୋ, ନେସ୍କୋ, ସାଉଥକୋ, ସିକୋ ଗଠନ କରାଯାଇ ବିଦ୍ୟୁତ ଗ୍ରାହକଙ୍କୁ ଉନ୍ନତ ମାନର ବିଦ୍ୟୁତ ଓଇଆରସି ନିର୍ଦ୍ଧାରିତ ରେଟରେ ଯୋଗାଇଦିଆଯାଇ ଅର୍ଥ ଆଦାୟ କରିବାର ଦାୟିତ୍ୱ ଦିଆଗଲା। ଏହି ସମସ୍ତ କମ୍ପାନୀ ରାଜ୍ୟ ସରକାରଙ୍କର ନିଜସ୍ୱ କମ୍ପାନୀ ଭାବେ କାମ କଲା । ୧୯୯୯ ମସିହାରେ କମ୍ପାନୀ ଗୁଡିକର ୫୧ ପ୍ରତିଶତ ଅଂଶଧନକୁ ରାଜ୍ୟ ସରକାର ବିକ୍ରି କରି ତାର ମାଲିକାନାକୁ ଘରୋଇ କମ୍ପାନୀ ହାତରେ ଟେକିଦେଲେ। ସେସ୍କୋର ଦାୟିତ୍ୱ ଆମେରିକାର ଏ.ଇ.ଏସ କମ୍ପାନୀ ଓ ଅନ୍ୟ ୩ଟି କମ୍ପାନୀ ନେସ୍କୋ, ସିସ୍କୋ, ସାଉଥକୋର ଦାୟିତ୍ୱ ବିଏସଇଏସ/ ରିଲିଆନ୍ସକୁ ଦିଆଗଲା। ପରବର୍ତ୍ତୀ ସମୟରେ ସମସ୍ତ କମ୍ପାନୀ ଏଥିରୁ ଓହରିଯାଇ କୋଟି କୋଟି ଟଙ୍କା ହଡ଼ପ କରିଥିଲେ ମଧ୍ୟ ରାଜ୍ୟ ସରକାର ନୀରବ ସାଜିବା ଆଶ୍ଚର୍ଯ୍ୟଜନକ। ଓଇଆରସିର ଚିଠି ପାଇଲା ପରେ ୨୦୧୦ ମସିହାରେ ରାଜ୍ୟ ସରକାରଙ୍କର ଏକ କାପେ ଯୋଜନା କରି ୨୪୦୦ କୋଟି ଟଙ୍କା ୩ ବର୍ଷରେ ଖର୍ଚ୍ଚ କରିବାର ନିର୍ଦ୍ଦେଶ ବିତରଣ କମ୍ପାନୀ ମାନଙ୍କୁ ଦେଲେ। ୨୦୧୬ ସୁଦ୍ଧା ମାତ୍ର ଖର୍ଚ୍ଚ ହେଲା ୯୨୦ କୋଟି ଟଙ୍କା ତାହା କେବଳ ଜିନିଷ କିଣାରେ ହେଲେ କାମ କଣ ହେଲା ପ୍ରକୃତରେ ଖର୍ଚ୍ଚ ହେଲା କି ନାହିଁ କେହି ଜାଣିଲେ ନାହିଁ । ଏଟିସି ଲସ କମିଲା ନାହିଁ ବଢି ଚାଲିଲା । ଓଇଆରସି ନିର୍ଦ୍ଦେଶକୁ ମଧ୍ୟ ଗୁରୁତ୍ୱ ଦେଲେ ନାହିଁ । ରିଲିଆନ୍ସ ତାର ଅଂଶଧନକୁ ଅନ୍ୟ କମ୍ପାନୀକୁ ବିକ୍ରି କଲା । ଆମର ବିରୋଧ ଫଳରେ ୨୦୧୫ ରେ ଓଇଆରସି ନେସ୍କୋ, ସେସ୍କୋ, ସାଉଥକୋର ଲାଇସେନ୍ସ ରଦ୍ଦ କରି ରାଜ୍ୟର ଶକ୍ତି ସଚିବ ଓ ଗ୍ରୀଡ଼କୋର ସିଏମଡିଙ୍କ ହାତରେ ୩ଟି ଯାକ ବିତ୍ତରଣ କମ୍ପାନୀର ସମସ୍ତ କାଯର୍ୟ ପରିଚାଳନା କରିବାର ନିର୍ଦ୍ଦେଶ ଦେଲେ । ବିଭିନ୍ନ ଯୋଜନାରେ ଅର୍ଥ ବିନିଯୋଗ ହେଲା, ହେଲେ ଅପଦାର୍ଥ, ଅଯୋଗ୍ୟ ଲୋକମାନଙ୍କ ଦ୍ୱାରା ଏହାର ସଠିକ ପରିଚାଳନା ହୋଇପାରିଲା ନାହିଁ କ୍ଷତି ବଢିବଢି ଚାଲିଲା । ଗ୍ରୀଡ଼କୋ। ଓଇଆରସି ନିକଟରେ ୨୦୨୨-୨୩ ବର୍ଷର ଯେଉଁ ତଥ୍ୟ ଉପସ୍ଥାପନା କଲେ ସେଥିରେ ଜଣାଇଲେ ଯେ, ବର୍ଷ ବର୍ଷ ଧରି ବିତ୍ତରଣ କମ୍ପାନୀ ମାନଙ୍କର ଅପାରଗତା ଯୋଗୁ ୭୭୮୮ କୋଟି ଟଙ୍କା ବାକି ପଡ଼ିଛି । ଏହାଛଡ଼ା ଅଧିକ ଟଙ୍କାରେ ବିଦ୍ୟୁତ କିଣି କମ ପଇସାରେ ବିକ୍ରି କରିବା ଫଳରେ ବ୍ୟାଙ୍କ ଠାରୁ ଆସିଥିବା ଋଣ ମିଶି ୬୫୦ କୋଟି ହେଲାଣି । ଏହି ଅର୍ଥ ସବୁକୁ ବିଦ୍ୟୁତ ଗ୍ରାହକଙ୍କ ଠାରୁ ଆଦାୟ କରାଯିବାର ଆବଶ୍ୟକତା ଅଛି । ଓଇଆରସି ଏହାକୁ ଗ୍ରହଣ ନକରିବାରୁ ଗ୍ରୀଡ଼କୋ ନୂଆ ପନ୍ଥା ବାହାର କରି ଝିଙ୍ଗ -ଅଫ ଆଧାରରେ ଓଇଆରସିର ଦ୍ୱାରସ୍ଥ ହୋଇ ୨୦୧୫-୧୬ ରୁ ୨୦୧୯-୨୦ ପଯର୍ୟନ୍ତ ୫୫୦୦ କୋଟି ଟଙ୍କା ଗ୍ରୀଡ଼କୋର ପ୍ରକୃତ ଖର୍ଚ୍ଚ ଦର୍ଶାଇ ବିଦ୍ୟୁତ ଗ୍ରାହକଙ୍କ ଠାରୁ ତାହା ଆଦାୟ କରିବାକୁ ଯେଉଁ ଦରଖାସ୍ତ ଦେଇଥିଲେ ଓଇଆରସି ତାକୁ ପ୍ରତ୍ୟାଖ୍ୟାନ କରି ସରକାର ଏହି ଅର୍ଥ ବଜେଟ ରଖି ଭରଣା କରିବାକୁ ପ୍ରସ୍ତାବ ଦେଇଥିଲା ବେଳେ ରାଜ୍ୟ ସରକାରଙ୍କର ଗ୍ରୀଡ଼କୋ ଏହାକୁ କାଏମ ରଖିବା ପାଇଁ ଆପିଲେଟ ଟ୍ରିବୁନାଲକୁ ଯାଇଛନ୍ତି । ଯଦି ଟ୍ରିବୁନାଲ ଏହାକୁ ଗ୍ରହଣ କରନ୍ତି ତାହା ହେଲେ ବିଦ୍ୟୁତ ଗ୍ରାହକଙ୍କୁ ଏହି ଅର୍ଥ ଦେବାକୁ ପଡ଼ିବ ଓ ୨୦୨୩-୨୪ ବର୍ଷରେ ଟାରିଫ ବଢିବ । ଏହାକୁ ଆମମାନଙ୍କ ତରଫରୁ ବିରୋଧ କରାଯାଇଥିଲେ ମଧ୍ୟ ସମସ୍ତ ଉପଭୋକ୍ତା, ସଂଗଠନ ମାନେ ଏହାର ବିରୋଧ କରି ରାଜ୍ୟ ସରକାର ଏଥିରୁ ନିବୃତ ରହିବାକୁ ଦାବି କରନ୍ତୁ । ସାମ୍ବାଦିକ ସମ୍ମିଳନୀରେ ଉପଭୋକ୍ତା ମହାସଂଘ ତଥା ଓଏସଇବି ଶ୍ରମିକ ମହାସଂଘର ସଭାପତି ରମେଶ ଶତପଥୀଙ୍କ ସମେତ ସାଧାରଣ ସମ୍ପାଦକ ଜଗନ୍ନାଥ ମହାରଣା, ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ରବି ରଥ, ଉପସଭାପତି ଏନ. ଭାସ୍କର ରାଓ, ସଦାନନ୍ଦ ଚୌଧୁରୀ, କାଳିପ୍ରସାଦ ମହାପାତ୍ର, ପ୍ରମୋଦ କୁମାର ଦାଶ, ଯଥା ଟିପିଏସଓଡିଏଲ ଏମପ୍ଲସ ୟୁନିଅନର ସାଧାରଣ ସମ୍ପାଦକ ପ୍ରଦୀପ କୁମାର ବିଷୋୟୀ, ନୀଳମାଧବ ଦାଶ, ଅଶୋକ ପଟ୍ଟନାୟକ, ଶିବଶଙ୍କର ଦାସ, ଗୋପୀନାଥ ପଣ୍ଡା, ଗୌରହରି ସାମଲ, ବସନ୍ତ କୁମାରୁ ପ୍ରାଣିଗ୍ରାହୀ ଓ ନରୋତ୍ତମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ମହାଗୁରୁ ପଣ୍ଡିତ ଭୂପତିଭୂଷଣ ମିଶ୍ରଙ୍କୁ 'ବୈଷ୍ଣବ ଶିରିପା ଶ୍ରୀ' ସମ୍ମାନ ପ୍ରଦାନ

ଯାଜପୁର (ପିଏନ୍): ଯାଜପୁରର ଅକରପଡ଼ା ଗ୍ରା.ପ.ର ବଡ ଦୋଗଡ଼ା ବୈଷ୍ଣବ ସାହି ସ୍ଥିତ ଶ୍ରୀ ଶ୍ରୀ ଗୋପୀନାଥ ଜୀଉ ମନ୍ଦିର ପ୍ରାଙ୍ଗଣରେ ଶ୍ରୀଜଗନ୍ନାଥଙ୍କର ମୁଖ୍ୟ ପୁରୋହିତ ପଣ୍ଡିତ ହୃଷିକେଶ ପତିଙ୍କ ପୌରୋହିତ୍ୟରେ ସଂବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଯାଜପୁରର ବିଶିଷ୍ଟ ସଂସ୍କୃତ ବିଶାରଦ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷାବିତ୍ ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କୁ ବୈଷ୍ଣବ ସଂପ୍ରଦାୟ ତରଫରୁ 'ବୈଷ୍ଣବ ଶିରିପା ଶ୍ରୀ' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ବାଲମୁକୁଳି କାହ୍ନୁପୁରର ଅଧିକାରୀ ଉମାକାନ୍ତ ଦାସ, ଇନ୍ଦାରୋଇ ଗ୍ରାମର ଅଧିକାରୀ ବୈଷ୍ଣବ ତପନ କୁମାର ଦାସ, ଆନନ୍ଦପୁରର ଅଧିକାରୀ ବୈଷ୍ଣବ ନାରାୟଣ ଚନ୍ଦ୍ର ଦାସ, ବୃନ୍ଦାବନପୁରର ଅଧିକାରୀ ବୈଷ୍ଣବ ପ୍ରଫୁଲ୍ଲ କୁମାର ଦାସ, ଓଳାଭର ନମ୍ତରା ଗ୍ରାମର ସୋନୁ ବାବା, ବଡ଼ଦୋଗଡ଼ା ବୈଷ୍ଣବ ବିଶ୍ୱମ୍ଭର ଦାସ, ତେନ୍ତୁଳିଡ଼ିହ ଅଧିକାରୀ ରାଧାକାନ୍ତ ଦାସ, ସୁବାସ ଚନ୍ଦ୍ର ଦାସ, ସୀତାକାନ୍ତ ଦାସ, କମଳାକାନ୍ତ ଦାସ, ବ୍ରଜକିଶୋର ଦାସ, ବସୁଦେବ ଦାସ, ଶ୍ରୀନାଥ ଦାସ, ବିବେକାନନ୍ଦ ଦାସ, ଆଲୋକ ଦାସ, ଭଗବାନ ଦାସ ପ୍ରମୁଖ ଉକ୍ତ ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ହୋଇ ବୈଷ୍ଣବ ଶିରିପା ପ୍ରଦାନ କରିଥିଲେ। ଅନନ୍ୟା ସାହିତ୍ୟ ସଂସଦର ସଭାପତି ସନ୍ତୋଷ କୁମାର ନନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ସମ୍ବର୍ଦ୍ଧନା ଏକ ଅନନ୍ୟ ପରଂପରା ଏବଂ ଏହାଦ୍ୱାରା ଉତ୍କଳୀୟ ଚେତନା ଓ ଗୌରବର ପ୍ରତିଷ୍ଠାତା ପୂର୍ବସୂରୀ ମାନଙ୍କର ପଦାଙ୍କ ଅନୁସରଣ କରି ବୈଷ୍ଣବ ସମ୍ପ୍ରଦାୟର ଅତୀତର ଗାଥାକୁ ପ୍ରକାଶ କରିଥିଲେ। ଶିକ୍ଷାବିତ୍ ବିଦ୍ୟୁତଲତା ଦାସ, ମୁଖ୍ୟବକ୍ତାଭାବେ ଓ ବରିଷ୍ଠ ସେବାୟତ ମଞ୍ଜୁଲତା ଦାସ, ଅନ୍ନପୂର୍ଣ୍ଣା ଦାସ, ରେଣୁବାଳା ଦାସ ପ୍ରମୁଖ ସମ୍ମାନିତ ଅତିଥିମାନେ ଯୋଗଦେଇ ଉତ୍ସବର ତାତ୍ପର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ। ଅଧିକାରୀ ନବକିଶୋର ଦାସ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବୈଷ୍ଣବ ପ୍ରୀତିକାନ୍ତ ଦାସ ଧନ୍ୟବାଦ ଦେଇଥିଲେ।

## ବହ୍ନିବଳୟରେ କନ୍ୟାସନ୍ତାନ

ସାରା ବିଶ୍ୱରେ ଥିବା ୬୫୦ କୋଟି ଜନସଂଖ୍ୟାର ଅର୍ଦ୍ଧେକ ହେଉଛନ୍ତି ନାରୀ। ଦୁଃଖ ଯେ, ପୁରୁଷଙ୍କ ପରି ସେମାନେ ତ ସମାନ ନ୍ୟାୟ ପାଆନ୍ତି ନାହିଁ , ନ୍ୟାଯ୍ୟ ଅଧିକାର ଭୋଗକରନ୍ତି ନାହିଁ, ଅପରନ୍ତୁ ଶୋଷିତ ଓ ଅତ୍ୟାଚାରିତ ହୁଅନ୍ତି ଏବଂ ଏହାର ମାତ୍ରା ଦିନକୁ ଦିନ ବଢ଼ିବାରେ ଲାଗିଛି। ଅବଶ୍ୟ ସେମାନଙ୍କ ସୁରକ୍ଷା ଦେବାରେ ଏବଂ ଉନ୍ନତିଲେ ବିଭିନ୍ନ ଆଇନ୍ ରାଷ୍ଟ୍ରମାନେ ପ୍ରଣୟନ କରିଛନ୍ତି ଅଥଚ କାର୍ଯ୍ୟ ବା କାରଣକୁ ଏହା କାମରେ ଆସେ ନାହିଁ। ଏ ଦୃଷ୍ଟିରୁ ଏତିକି କୁହାଯାଇପାରେ ଯେ, ଯେଯାଏଁ ଲୋକମାନଙ୍କର ମାନସିକତାରେ ପରିବର୍ତ୍ତନ ନ ଘଟିଛି, ମହିଳାମାନଙ୍କ ଉପରେ ଚାଲିଥିବା ଆକ୍ରମଣ ଓ ଅତ୍ୟାଚାର ହ୍ରାସ ପାଇବା ଅସମ୍ଭବ। ନାରୀମାନଙ୍କ ପ୍ରତି ଚାଲିଥିବା ବଳାତ୍କାର, ଧର୍ଷଣ ଓ ହତ୍ୟାର ମାତ୍ରା ଦିନକୁଦିନ ମାତ୍ରାଧିକ ଭାବରେ ବଢ଼ିଚାଲିଛି । ମିଳିଥିବା ଏକ ରିପୋର୍ଟ ଅନୁସାରେ ୨୦୧୨ରେ ଭାରତରେ ୨୪, ୬୨୩ଟି ବଳାତ୍କାର ଘଟିଥିବା ବେଳେ ଏହି ବଳାତ୍କାର ସଂଖ୍ୟା ୨୦୧୩ ପାଇଁ ହୋଇଛି ୩୩,୭୦୭। ଓଡ଼ିଶାରେ ଏ ସଂଖ୍ୟା ସେହି ସମୟରେ ୧୪୫୮ରୁ ୧୮୩୨କୁ ବୃଦ୍ଧି ପାଇଛି। ଜାତୀୟ ଅପରାଧ ରେକଡ଼ ବ୍ୟୁରୋ ଗତବର୍ଷ କରିଥିବା ସର୍ଭେ ଅନୁସାରେ ଗତବର୍ଷ ୩୩ ହଜାର



୭୮୯ଟି ମାମଲାମଧ୍ୟରୁ ସର୍ବାଧିକ ମାମଲା ହେଉଛି ଯୌତୁକଜନିତ ହତ୍ୟା। ଏହାର ମାତ୍ରା ହେଉଛି ୧୬.୭%। ସେହିପରି ୨୦୧୧ ତୁଳନାରେ ୨୦୧୩କୁ ଅପହରଣ ମାତ୍ରା ବଢ଼ିଛି ତିନିଗୁଣ। ବିଭିନ୍ନ ପ୍ରଲୋଭନ ଦେଖାଇ ଯୁବତୀ କନ୍ୟାମାନଙ୍କୁ ନେବା ଏବଂ ପରେ ଧର୍ଷଣ କରି ଦଲାଲ ହାତରେ ଟେକି ଦେବା ଅଥବା ହତ୍ୟା କରିବା ଅପହରଣର ହେଉଛି ଶେଷ ପରିଣତି।

ବିଶ୍ୱ, ବିଶେଷ କରି ଭାରତୀୟମାନଙ୍କର ନାରୀପ୍ରତି ଥିବା ଅସମାନତା ମାନସିକତାର ଅନ୍ୟତମ ଉଦାହରଣ ହେଉଛି କନ୍ୟାଭ୍ରୂଣ ହତ୍ୟା। ଏକ ପରିସଂଖ୍ୟାନ ଅନୁସାରେ ଗତ ୨୦ ବର୍ଷ ମଧ୍ୟରେ ଭାରତର କନ୍ୟାଭ୍ରୂଣ ହତ୍ୟା ସଂଖ୍ୟା ପ୍ରାୟ ଏକ କୋଟୀରୁ ଅଧିକ। ଏହାସବୁ ବେଆଇନ୍ ଗର୍ଭପାତ। ଏହାର ଅର୍ଥ ହେଲା ବେଆଇନ୍ ଭାବେ ସୋନୋଗ୍ରାଫି ଜରିଆରେ ଗର୍ଭସ୍ଥ ଭ୍ରୂଣର ଲିଙ୍ଗ ନିରୂପିତ ହେଉଛି। ଏହା ଯଦି କନ୍ୟା, ତାକୁ ସେ ଭ୍ରୂଣରୁ ହତ୍ୟା କରାଯାଉଛି ଏବଂ ତାକୁ ବର୍ଜ୍ୟବସ୍ତୁ ଆକାରରେ କୋଉଠି ଫିଙ୍ଗି ଦିଆଯାଉଛି। ଏମିତି ସବୁ କାରଣକୁ ଶିକାର ହୁଏ ନାରୀ, ହ୍ରାସ ହୁଏ ତା' ସଂଖ୍ୟା।

ମିଳିତ ଜାତିସଂଘର ବିଶ୍ୱ ଜନସଂଖ୍ୟା ପାଣ୍ଠି (ଡ଼ବ୍ଲ୍ୟୁ.ପି.ଏଫ୍)ର ଚେତାବନୀ ଅନୁସାରେ ପୁରୁଷ-ମହିଳା ସନ୍ତୁଳନରେ ଭାରତ ସବୁଠାରୁ ଦୁର୍ବଳ ରାଷ୍ଟ୍ର। ଯଦି କନ୍ୟା ସନ୍ତାନ ସଂଖ୍ୟା ଏହିପରି ହ୍ରାସ ପାଏ, ତା'ହେଲେ ଭାରତରେ ଭବିଷ୍ୟତରେ ଏକ ସାମାଜିକ ସଂକଟ ଦେଖାଯିବ, ହୁଏତ ଏଥିପାଇଁ ୨୫ଭାଗ ଯୁବକଙ୍କ ପାଇଁ ପାତ୍ରୀ ମିଳିନପାରେ। ଏବେ ତ ଏହି କାରଣରୁ ହରିଆଣା, ରାଜସ୍ଥାନ ଓ ଉତ୍ତରପ୍ରଦେଶ ଇତ୍ୟାଦିରେ ବିବାହ ପାଇଁ ପାତ୍ରୀ ସଂକଟ ଉତ୍ପନ୍ନ ହୋଇଗଲାଣି। ଏପରି କନ୍ୟା ସଂକଟ ଘଟିବାର ଏକ ମୁଖ୍ୟ କାରଣ ଏହି ଯେ, ଯୌତୁକଜନିତ ଆର୍ଥିକ ଦଣ୍ଡରୁ ମୁକ୍ତି ପାଇଁ କନ୍ୟା ଭ୍ରୂଣହତ୍ୟା । ଦୁଃଖ ଯେ, ଏହାକୁ ଏଡ଼ାଇବା ପାଇଁ ଯୌତୁକ ନିରୋଧ ଆଇନ୍, ଭ୍ରୂଣହତ୍ୟା ନିଷେଧ ଆଇନ୍, ପିତାମାତାଙ୍କ ସଂପତ୍ତିରେ ପୁତ୍ରପରି କନ୍ୟାର ସମାନ ଅଧିକାର ଆଇନ୍ ଇତ୍ୟାଦି ଥାଇ ସୁଦ୍ଧା 'ଯଥା ପୂର୍ବଂ ତଥା ପରଂ' ନ୍ୟାୟରେ ସବୁକିଛି ଚାଲିଛି।

କେବଳ ଭାରତରେ ନୁହେଁ, ବିଶ୍ୱର ଅନେକ ରାଷ୍ଟ୍ରରେ ମହିଳାଙ୍କ ସ୍ଥିତି ଏପରି ଦୟନୀୟ ଅବସ୍ଥାରେ ଅଛି। କନ୍ୟାଭ୍ରୂଣ ହତ୍ୟାରୋକିବା, ଲିଙ୍ଗଗତ ବୈଷମ୍ୟ ଦୂରେଇବା, ଶିଶୁକନ୍ୟାଙ୍କ ଶିକ୍ଷା, ପୁଷ୍ଟି, ସ୍ୱାସ୍ଥ୍ୟ, ଆଇନ୍‌ଗତ ଅଧିକାରର ସୁରକ୍ଷା ଏବଂ ସେମାନଙ୍କ ବିରୁଦ୍ଧରେ ଦେଖା ଓ ଲିଙ୍ଗଗତ ବୈଷମ୍ୟ, ହିଂସା, ବାଲ୍ୟବିବାହ ପ୍ରଥା ରୋକିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ୧୧ ଅକ୍ଟୋବରକୁ ଆନ୍ତଜାତିକ କନ୍ୟା ଶିଶୁ ଦିବସ ରୂପେ ୨୦୧୨ଠାରୁ ପାଳିତ ହେଉଛି। ଏହି ଅବସରର ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟ କରାଯାଉଛି। ଆସନ୍ତୁ ଲିଙ୍ଗଗତ ପାର୍ଥକ୍ୟ ଭୁଲିଯିବା। କନ୍ୟାଟିଏ ନୁହେଁ, ଆଗାମୀ କାଲିର ଈଶ୍ୱରୀଙ୍କ ସ୍ଥିତି ପାଇଁ ଯତ୍ନବାନ ହେବା।

## ଅଣସଙ୍ଗଠିତ ଶ୍ରମିକ ଓ କର୍ମଚାରୀ କଂଗ୍ରେସର ରାଜ୍ୟସ୍ତରୀୟ କନ୍‌ଭେନସନ ରାଉରକେଲାରେ ଆୟୋଜିତ

ରାଉରକେଲା (ପିଏନ୍): ପ୍ରଦେଶ ଅଣସଙ୍ଗଠିତ ଶ୍ରମିକ ଓ କର୍ମଚାରୀ କଂଗ୍ରେସ ପକ୍ଷରୁ ରାଉରକେଲା ସ୍ଥିତ ଶୁଭମ ହୋଟେଲ ଠାରେ ଏକ ରାଜ୍ୟସ୍ତରୀୟ କନ୍‌ଭେନସନ ରାଜ୍ୟ ଅଧ୍ୟକ୍ଷ ବିଦ୍ୟାଧର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି । ଏହି କନ୍‌ଭେନସନକୁ ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ. ଉଦିତ ରାଜ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପରିପ୍ରେକ୍ଷୀରେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଳି ଜ୍ଞାପନ କରି ପ୍ରଦୀପ ପ୍ରଜ୍ୱଳନ ସହ ଆନୁଷ୍ଠାନିକ ଉଦ୍‌ଘାଟନ କରି କହିଲେ ଯେ, ସାମ୍ପ୍ରତିକ ପରିସ୍ଥିତିରେ ଦେଶରେ ଦେଖା ଦେଇଥିବା ସଂକଟ ପାଇଁ କେନ୍ଦ୍ରର ମୋଦି ସରକାର ଦାୟୀ ହେବା ସହିତ ଜାତିଆମ ଓ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି କରିବା ନିମର୍ଦ୍ଦ ଦେଶରେ ଦରଦାମ୍ ବୃଦ୍ଧି, ବେକାରୀ, ବେରୋଜଗାରୀ, ଶିଳ୍ପର ଘରୋଇକରଣ, ଦେଶର ଜାତୀୟ ସମ୍ପତ୍ତିକୁ ଶାଗମାଛ ଦରରେ ବିକ୍ରି କରିବା ପ୍ରୟାସକୁ ଅଖିଳ ଭାରତ ଅଣସଙ୍ଗଠିତ ଶ୍ରମିକ ଓ କର୍ମଚାରୀ କଂଗ୍ରେସ ଆଗାମୀ ଦିନରେ ଦିଲ୍ଲୀ ଠାରୁ ପଲ୍ଲୀ ପର୍ଯ୍ୟ' ବ୍ୟାପକ ବିରୋଧ କରିବାକୁ ଆହ୍ୱାନ ଦେଇଥିଲେ । ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଗତ ସେପ୍ଟେମ୍ବର ୭ ତାରିଖରୁ କନ୍ୟାକୁମାରୀ ଠାରୁ କାଶ୍ମୀର ପର୍ଯ୍ୟ' ୧୫୦ ଦିନ ଧରି ଆରମ୍ଭ ହୋଇଥିବା ଭାରତ ଯୋଡ ଯାତ୍ରାକୁ ସମର୍ଥନ କରି ଆସନ୍ତା ଅକ୍ଟୋବର ୩୧ ତାରିଖରେ ଭୁବନେଶ୍ୱର ଠାରୁ ଆରମ୍ଭ ହେବାକୁ ଯାଉଥିବା ୨ ହଜାର କିଲୋମିଟର ବ୍ୟାପୀ ଏହି ପଦଯାତ୍ରାରେ ସମସ୍ତ ଜିଲ୍ଲା କମିଟିମାନେ ବ୍ୟାପକ ସଂଖ୍ୟାରେ ପ୍ରଚାର ପ୍ରସାର କରିବା ସହିତ ଏହି ଯାତ୍ରାରେ ଅଂଶଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ଏହି ରାଜ୍ୟସ୍ତରୀୟ କନ୍‌ଭେନସନରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ୩୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଓ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ । ଏହା ପୂର୍ବରୁ ରାଉରକେଲା ହାଉସ୍ ଏକ ବିଶାଳ ମୋଟର ସାଇକେଲ୍ ଶୋଭାଯାତ୍ରାରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ.ଉଦିତରାଜଙ୍କ ସହିତ ଆସିଥିବା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ସୟ ଗାବା, ରାଷ୍ଟ୍ରୀୟ ସଚିବ ସି.ଏନ୍. ମୋହୁରିଆ, ଓ ଓଡିଶା ପ୍ରଭାରୀ ଚନ୍ଦ୍ରଲେଖା ପାଣ୍ଡେ ପ୍ରମୁଖଙ୍କୁ ପାଛୋଟି ଆଣିଥିଲେ । ଏହି କନ୍‌ଭେନସନରେ ରାଜ୍ୟ ସାଧାରଣ ସମ୍ପାଦକ ତ୍ରିଲୋଚନ ମହାନନ୍ଦ, ଉପାଧ୍ୟକ୍ଷା ଜ୍ୟୋସ୍ନା ସେନାପତି ଓ ମାଣିକପ୍ରଭା, ରାଉରକେଲା ଜିଲ୍ଲା କଂଗ୍ରେସ କମିଟିର ସଭାପତି ଦେବବ୍ରତ ବିହାରୀ, ସୁନ୍ଦରଗଡ ଜିଲ୍ଲା କଂଗ୍ରେସ ସଭାପତି ବେଣୁମାଧବ ତ୍ରିପାଠୀ, ବରିଷ୍ଠ କଂଗ୍ରେସ ନେତା ବିରେନ ସେନାପତି, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ରବି ରାୟ, କୈଳାସ ଚନ୍ଦ୍ର ସାହୁ, ନିହାର ଦାସ, ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ନିର୍ମଳ ସାମଲ, କୃଷ୍ଣଚନ୍ଦ୍ର ସାହୁ, ଭବାନୀ ଜେନା, ଅଜୟ ପାଇକରାୟ, ବିକାଶ ଦାସ, ଭାରତୀବାଳା ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ତୃଣମୂଳ ସ୍ତରରୁ ଅଣସଙ୍ଗଠିତ ଶ୍ରମିକ ଓ କର୍ମଚାରୀ କଂଗ୍ରେସକୁ ଶକ୍ତିଶାଳୀ କରି ଭାରତୀୟ ଜାତୀୟ କଂଗ୍ରେସର ଶକ୍ତି ବୃଦ୍ଧି କରିବାକୁ ମତ ପ୍ରକାଶ ପାଇଥିଲା ।

## ଆନନ୍ଦ ମାର୍ଗ ଆବାସିକ ବିଦ୍ୟାଳୟରେ ବୃକ୍ଷରୋପଣ ଓ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ



ବାଲେଶ୍ୱର (ପିଏନ୍)- ପବିତ୍ର କୁମାର ପୂର୍ଣ୍ଣିମା ଲକ୍ଷ୍ମୀ ପୂଜା ଅବସରରେ ବାଲେଶ୍ୱର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଆକିନିଆଠାରେ ଥିବା ଆନନ୍ଦ ମାର୍ଗ ଆବାସିକ ବିଦ୍ୟାଳୟରେ ଖାଦ୍ୟ ବଣ୍ଟନ କରାଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷା ସଂଯୁକ୍ତା ରାଣୀ ବେହେରାଙ୍କ ଉପସ୍ଥିତିରେ କର୍ମକର୍ତ୍ତା ତଥା ଯୁବ ସମାଜସେବୀ ଯୁବନେତା ମନୋଜ କୁମାର ଆଚାର୍ଯ୍ୟଙ୍କ ସମେତ ଉମାରାଣୀ ଆଚାର୍ଯ୍ୟ ବିଭିନ୍ନ ପ୍ରସଙ୍ଗ ନେଇ ଆବାସିକ ବିଦ୍ୟାଳୟର ମୁଖ୍ୟ ଡଃ ଭାସ୍କର ଜେନା, ପରୀକ୍ଷିତ ଦାସଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ଦିନରେ କିପରି ଭାବରେ ବିଦ୍ୟାଳୟ ତଥା ପିଲାମାନଙ୍କ ରକ୍ଷଣାବେକ୍ଷଣ ଠିକ୍ ଭାବରେ କରିହେବ, ଏ ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ସାଙ୍ଗକୁ ଆବାସିକ ଛାତ୍ରମାନଙ୍କୁ ଜଳପାନ ପୁଡ଼ିଆ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମର୍ପଣ ଚାରିଟେବୁଲ ଟ୍ରଷ୍ଟର ଅବିନାଶ ପୁଥାଳ, ରଣଜିତ୍ କୁମାର ପୃଷ୍ଟିଙ୍କ ସମେତ ଅନେତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆଗାମୀ ଦିନରେ ହେବାକୁ ଥିବା ବିଦ୍ୟାଳୟର ଉନ୍ନତିମୂଳକ କାର୍ଯ୍ୟ ବିଷୟରେ ଅନୁଷ୍ଠାନର ଅଧ୍ୟକ୍ଷା ସଂଯୁକ୍ତା ରାଣୀ ବେହେରା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ।

## ଦ୍ୱନ୍ଦ୍ୱ ଦୂର ପାଇଁ ନିର୍ଦ୍ଦେଶ ହେଉ: ୧୦୦ ଓ ୧୦୧କୁ ନେଇ ଦ୍ୱନ୍ଦ୍ୱରେ ବିଦ୍ୟାର୍ଥୀ

ଭୁବନେଶ୍ୱର (ପିଏନ୍): ଜରୁରୀକାଳୀନ ସେବା ପାଇଁ ବ୍ୟବହାର କରାଯାଉଥିବା ୧୦୦ ଓ ୧୦୧ ନମ୍ବରକୁ ନେଇ ଏବେ ଦ୍ୱନ୍ଦ୍ୱରେ ବିଦ୍ୟାର୍ଥୀ। ଆଉ କାମ କରୁନି ଏହି ନମ୍ବର। କିନ୍ତୁ ସରକାରୀ ଓ କିଛି ବେସରକାରୀ ବିଦ୍ୟାଳୟରେ ତୃତୀୟ ଶ୍ରେଣୀରେ ଛାତ୍ରଛାତ୍ରୀଙ୍କୁ ପାଠ ପଢାଯାଉଥିବା 'ଜଣା ଅଜଣା' ବହିରେ ଏ ନେଇ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି। ଏହାକୁ ନେଇ ଏବେ ଦ୍ୱନ୍ଦ୍ୱରେ ଶିକ୍ଷକ, ବିଦ୍ୟାର୍ଥୀ ଓ ଅଭିଭାବକ। ସୂଚନାଯୋଗ୍ୟ, ଡ଼ିସେମ୍ବର ୨ ତାରିଖ, ୨୦୨୦ ମସିହାରେ ଆମ ରାଜ୍ୟରେ ଜନସାଧାରଣଙ୍କ ସୁବିଧା ତଥା ତ୍ୱରିତ ସେବା ଯୋଗାଣକୁ ଦୃଷ୍ଟିରେ ରଖି ସରକାର ବିଭିନ୍ନ ଜରୁରୀକାଳୀନ ସହାୟତା ନମ୍ବର ଯଥା-୧୦୦, ୧୦୧, ୧୦୨, ୧୦୪, ୧୦୮, ୧୮୧କୁ ଏକତ୍ରିତ କରି ଗୋଟିଏ ନମ୍ବର '୧୧୨' କାର୍ଯ୍ୟକାରୀ କରିଛନ୍ତି। ସେ ପୋଲିସ୍ ସେବା ହେଉ କି ଦମକଳ ସେବା ଇତ୍ୟାଦି ହେଉ। ଅଦ୍ୟାବଧି ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ପକ୍ଷରୁ ରାଜ୍ୟର କୌଣସି ବିଦ୍ୟାଳୟକୁ ଏ ସମ୍ପର୍କରେ ସାମାନ୍ୟ ସୂଚନାଟିଏ ମଧ୍ୟ ନାହିଁ। ଯଦ୍ୱାରା ବିଦ୍ୟାର୍ଥୀ, ଅଭିଭାବକ ଏବଂ ଶିକ୍ଷକ ପଡୁଛନ୍ତି ଦ୍ୱନ୍ଦ୍ୱରେ। ପରୀକ୍ଷାରେ ଏ ସମ୍ପର୍କିତ ପ୍ରଶ୍ନ ଆସିଲେ, ଏ ସମ୍ପର୍କରେ ଏକ ଘରୋଇ ବିଦ୍ୟାଳୟର ଶିକ୍ଷକ କୁହନ୍ତି ବିଦ୍ୟାର୍ଥୀ ୧୦୦/୧୦୧ ଲେଖିଲେ ଆମେ ନମ୍ବର ଦେଉଛୁ। ୧୧୨ ଲେଖିଲେ ବି ନମ୍ବର ଦେବୁ। ଯେପର୍ଯ୍ୟନ୍ତ ପାଠ୍ୟପୁସ୍ତକ ସଂଶୋଧନ ହୋଇ ଆସିନାହିଁ ଆମେ ବା କ'ଣ କରିପାରିବୁ। ଯଦି କୌଣସି ବିଦ୍ୟାର୍ଥୀର ଏ ନେଇ ନମ୍ବର କାଟିଲୁ ଅଭିଭାବକମାନେ ବିଦ୍ୟାଳୟକୁ ଆସି କାହିଁକି ନମ୍ବର କାଟିଲେ କହି ଆମ ସହିତ ଝଗଡ଼ା କରୁଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ଏହି ପାଠ୍ୟପୁସ୍ତକରେ ପାଠ ଦ୍ୱିତୀୟ ଭାଗରେ ଶୃଙ୍ଖଳା ପ୍ରହରୀ ଓ ଦମକଳ କେନ୍ଦ୍ର ନାମରେ ରହିଛି ଦୁଇଟି ପ୍ରସଙ୍ଗ। ପ୍ରଥମ ପ୍ରସଙ୍ଗର ପୃଷ୍ଠା ୨୩ରେ ନାଲି ରଙ୍ଗରେ ଉଲ୍ଲେଖ ରହିଛି ପୋଲିସ୍ ଥାନାର ଟେଲିଫୋନ୍ ନମ୍ବର ହେଲା ୧୦୦। ସେହିପରି ଦ୍ୱିତୀୟ ପ୍ରସଙ୍ଗର ପୃଷ୍ଠା ୨୬ରେ ରହିଛି ଦମକଳ କେନ୍ଦ୍ରର ଫୋନ୍ ନମ୍ବର ହେଲା ୧୦୧। ଏ ଦୁଇଟି ନମ୍ବର ଜରୁରୀକାଳୀନ ପୋଲିସ୍ ଓ ଦମକଳ ସେବା ପାଇଁ ଉଦ୍ଦିଷ୍ଟ ବୋଲି ଏହା ହିଁ ଏଠାରେ ଉଲ୍ଲେଖ କରିବାର ଥିଲା। ଏବେ ତ ଏକକ ନମ୍ବର ୧୧୨ ସମ୍ପର୍କରେ ନୂତନ ସଂସ୍କରଣରେ ସ୍ଥାନିତ ହେବା ପର୍ଯ୍ୟନ୍ତ, ଅନ୍ତତଃ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ପାଠ୍ୟପୁସ୍ତକରେ ରହିଥିବା ଏ ଦ୍ୱନ୍ଦ୍ୱକୁ ଦୂର କରି ବିଦ୍ୟାର୍ଥୀମାନଙ୍କୁ ଏ ସମ୍ପର୍କରେ ସଚେତନ କରିବା ଲାଗି ଏକ ନିର୍ଦ୍ଦେଶନାମା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଜାରି କରନ୍ତୁ ବୋଲି ସାମାଜିକ କର୍ମୀ ସୁଶାନ୍ତ ସାହୁ ଏହି ମର୍ମରେ ଏକ ପ୍ରେସ୍ ବିବୃତ୍ତିରେ ଦାବି କରିଛନ୍ତି।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିନିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା ।

# ବାଂଶପାଣି ରେଲସାଇଡିଂରେ ୨ ଗୋଷ୍ଠୀ ସଂଘର୍ଷ ଘଟଣାରେ ମାଷ୍ଟର ମାଇଣ୍ଡ ଫେରାର ଡାମେଜ କଣ୍ଟ୍ରୋଲ ପାଇଁ କଲେଜ ର ଭଣଜାକୁ ଗିରଫ କଲା ପୋଲିସ

ଯୋଡ଼ା(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ବାଂଶପାଣି ରେଳ ସାଇଡିଂ ଠାରେ ଗତ ସେପ୍ଟେମ୍ବର ମାସ ୧୨ ତାରିଖ ଦିନ ଲୁହା ପଥର ପରିବହନକୁ ନେଇ ଘଟିଯାଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଅଭିଯୁକ୍ତଙ୍କୁ ଆମିର ହୁସେନକୁ (୩୦) ଯୋଡା ଥାନା ପୋଲିସ ସୋମବାର ମଧ୍ୟ ରାତ୍ରୀରେ ଗିରଫ କରି କେଶ ନଂ ୧୩୦/ ୨୦୨୦ ଦଫା ୧୪୭/୧୪୮/ ୪୫୨/୩୨୩/୩୨୫/୪୩୬/ ୪୨୭/୩୦୭/୫୦୬/୧୪୭ ଆଇପିସି ଧାରରେ ମାମଲା ରଜୁ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଖବର ହସ୍ତଗତ ହୋଇଛି । ସ୍ଥାନୀୟ ଅଧୀବାସୀଙ୍କ ଠାରୁ ପ୍ରକାଶ ଯେ ଆମିର ହୁସେନର ମାମୁଁ ଏମଡି ଫିରୋଜ ଅହମ୍ମଦ ଓରଫ କଲେଜ ସିଧାସଳଖ ଭାବେ ଏହି ଘଟଣାରେ ଗଣ୍ଡଗୋଳ ଏବଂ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିଲେ ମଧ୍ୟ ଯୋଡା ଥାନା ପୋଲିସ କଲେଜଙ୍କ ଉପରେ ଅହେତୁକ ଅନୁକମ୍ପା ଦେଖାଉଥିବା ମନେ ହୁଏ । ଏକଦା ତ କାଳୀନ ବଡବିଲ ଏସଡିପିଓ ରାଜେଶ ପଣ୍ଡିତଙ୍କର ଅତ୍ୟନ୍ତ ଅନୁମତ ଭାବେ ପ୍ରଚାର କରି ନିଜ ଇଛା ମୁତାବକ ବିଭିନ୍ନ ଖଣି ସଂସ୍ଥାରୁ କାର୍ଯ୍ୟ ନେବା ଏବଂ ସ୍ଥାନୀୟ ଅ ଳର ଜନସାଧାରଣ ନାମରେ ପୋଲିସକୁ ମିଥ୍ୟା ତଥ୍ୟ ଯୋଗାଇ ପୋଲିସର ଇନ୍‌ଫର୍ମ ସାଜି କଲେଜ କୋଟି କୋଟି ଟଙ୍କା ମୁନଫା କରିଥିବା ସାଧାରଣରେ ଚର୍ଚ୍ଚା ହୁଏ । ପିଲେଟ ଚୋରି ଠାରୁ ଆରମ୍ଭ କରି ବାଂଶପାଣି ୟୁନାଇଟେଡ୍ କ୍ରସର ଘଟଣାରେ ଗିରଫ କରାଇବା ସହିତ ମୁକେଶ ସିଂଙ୍ଗାନିଆ ଙ୍କୁ ଗିରଫ ଘଟଣାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କଲେଜ ନିଜ ସ୍ୱାର୍ଥ ସାଧାରଣ ନିମନ୍ତେ ପୋଲିସକୁ ହାତ ବାରିସ କରି ବ୍ୟବହାର କରୁଥିଲା । ପୋଲିସର ଧମକ ଚମକ ଦେଇ କାମ ହାତଇବା ସହିତ ଯେ କେହିବି ତାଙ୍କ ସ୍ୱାର୍ଥରେ ବାଧା ସୃଷ୍ଟି କରୁଥିଲେ ତାଙ୍କୁ ଜେଣେ ତେଣେ ପ୍ରକାରଣେ ପୋଲିସ ସହାୟତା ନେଇ ଗିରଫ କରାଇ ଯୋଡା ଅ ଳରେ ଭୟର ବା ାବରଣ ସୃଷ୍ଟି କରୁଥିଲେ । ଘଟଣା ଦିନ ବାଂଶପାଣି ସାଇଡିଂରେ ବିବାଦର ସୂତ୍ରପାପ୍ତ ଏବଂ ଆକ୍ରମଣର ମାଷ୍ଟର ମାଇଣ୍ଡ କଲେଜ ଥିବା ନେଇ ଫିରୋଜ ମହମ୍ମଦ ଓରଫ କଲେଜ ଥିବା ନେଇ ଯଥେଷ୍ଟ ପ୍ରମାଣ ମିଳୁଥିଲେ ମଧ୍ୟ ଯୋଡା ଥାନା ପୋଲିସ ଏଜାବତ କଲେଜକୁ କାହିଁକି ଗିରଫ କରିନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । କଲେଜ ର ଭଣଜା କୁ ଗିରଫ କରିଥିବା ବେଳେ ମାଷ୍ଟର ମାଇଣ୍ଡ କଲେଜ ଫେରାର ଥିବା ପୋଲିସର ସ୍ୱଚ୍ଛତା ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । କଲେଜ ଭଳି ଜଣେ ସାଧାରଣ ଲୋକ ଏତେ ଶିଘ୍ର ପୋଲିସର ଆସ୍ଥାଭାଜନ କିପରି ହୋଇପାରିଲା ଏବଂ ଏଜାବତ ତାର କାର୍ଯ୍ୟକଳାପ ପୋଲିସ ରାଡାରକୁ ନଆସିବା ଘଟଣା ସମସ୍ତଙ୍କୁ ଚକିତ କରିଛି । କଲେଜ ଉପରେ ବାରମ୍ବାର ଆଙ୍ଗୁଳି ନିର୍ଦ୍ଦେଶ ହେଉଥିଲେ ମଧ୍ୟ ପୋଲିସ କେଉଁ ସ୍ୱାର୍ଥକୁ ଆଖି ଆଗରେ ରଖି ତାକୁ ଗିରଫ କରୁନଥିବା ବେଳେ ତାଙ୍କ ଭଣଜା ଆମରି ହୁସେନ ପୂର୍ବରୁ ବାଂଶପାଣି ରେଳ ସାଇଡିଂରେ ଆଇରନ ପିଲେଟ ଚୋରି ଘଟଣାରେ ଜେଲ ଯାଇଥିବା ଜଣାପଡିଛି । ଏହି ଘଟଣାରେ କେନ୍ଦୁଝର ଜିଲ୍ଲା ଏସପି ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି ।

# ଜନଶକ୍ତି ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର

କେନ୍ଦ୍ରାପଡା (ପିଏନ)- ଜନଶକ୍ତି ପାର୍ଟି ପକ୍ଷରୁ କରୋନା ମହାମାରୀ ସମୟରେ ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଭିଯୋଗ କରାଯାଇଛି । ଉଦାହରଣ ସ୍ୱରୂପ କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ୬୨ ଟି ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୨୩ ଜଣ ଡାକ୍ତର ଅଛନ୍ତି । ଅନେକ ସମୟରେ ଡାକ୍ତରମାନେ ବେସରକାରୀ ଭାବେ ଚିକିତ୍ସା କରୁଥିବାରୁ ଗରିବ ଅସହାୟ ଲୋକ ମାନଙ୍କୁ ପ୍ରକୃତ ଚିକିତ୍ସା କରାନଯାଇ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଉଛି । ଗରିବ ଲୋକଟି ଆମ୍ବୁଲାନସ ସୁବିଧାରୁ ମଧ୍ୟ ବଂଚିତ ହେଉଛି । ସେହିପରି କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ପର୍ଯ୍ୟାପ୍ତ ସଂଖ୍ୟକ ବେଡ ନାହିଁ ଏବଂ ଯାହା କିଛି ଅଛି ତାହା ସମ୍ପୂର୍ଣ୍ଣ ଭାବେ ପୁରୁଣା ଓ ନଷ୍ଟ ହୋଇ ଯାଇଛି । ୨.୯୦ କି.ମି ବାଟ ଟ୍ରଲିରେ ବୁହା ହୋଇ ଆସିଥିବା ଅସହାୟ ମହିଳାଙ୍କ ମୃତ୍ୟୁର ପ୍ରକୃତ ତଦନ୍ତ କରାଗଲେ ଓଡିଶାରେ ସ୍ୱାସ୍ଥ୍ୟସେବାର ପ୍ରକୃତ ଚିତ୍ର ପଦାକୁ ଆସିପାରିବ । ସେହି ପରିବାରର ଜଣଙ୍କୁ ସରକାରୀ ଚାକିରୀ ପ୍ରଦାନ କରାଯାଉ । ଓଡିଶାରେ ବିଭିନ୍ନ ଖାଉଟି ସାମଗ୍ରୀ ଓ ପନିପରିବାର ଅହେତୁକ ଦର ବୃଦ୍ଧି ଜନ ସମାଜକୁ ବ୍ୟଥିତ କରୁଛି । ଏହାର ନିରାକରଣ ନିମନ୍ତେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜନଶକ୍ତି ପାର୍ଟି ପକ୍ଷରୁ ଦାବୀ କରାଯାଇଛି । ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଆଡଭୋକେଟ ପ୍ରଦୀପ କୁମାର ଦାଶ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ସହକାରୀ ଜିଲ୍ଲାପାଳ ଶିବ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି ।

# ଚୋରୀ ମାମଲାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ଉଠାଇନେଇଛି

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ସହରର ସଟରତାଡି ଚୋରୀ କରିବା ଓ ମହିଳା ବିଜେଡି ସଭାନେତ୍ରୀଙ୍କ ଘରୁ ଝରକା ରେଲିଂ ତାଡି ଚୋରୀ କରିବା ଘଟଣାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ସନ୍ଦେହରେ ଉଠାଇ ନେଇ କୌଣସି ଏକ ଅଜଣା ସ୍ଥାନରେ ରଖି ପଚରାଉଚୁରା କରୁଥିବା ଜଣାପଡିଛି । ପୋଲିସ ଉଠାଇ ନେଇଥିବା ସଂପୃକ୍ତ ବ୍ୟକ୍ତି ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ରଣପଡା ଗ୍ରାମର ସେକ ବାବୁ ।

# ଓଡ଼ିଶା ସରକାରଙ୍କ ବିଶ୍ୱବିଦ୍ୟାଳୟ ସଂସ୍କାର ବିରୋଧରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା, (ପିଏନ)- ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସଂସ୍କାର ଆଣିବା ନିମନ୍ତେ ଗତ ସେପ୍ଟେମ୍ବର ୪ରେ ପ୍ରକାଶିତ ଅଧ୍ୟାଦେଶ ସଂଖ୍ୟା ୮୨୧୯-ଆଇ-ଲେଗିସି- ୩୫/ ୨୦୨୦/ ଏଲକୁ ବିରୋଧ କରି ମୟୂରଭଞ୍ଜ ସିଟିଜେନ ଫୋରମ୍, ମୟୂରଭଞ୍ଜ ସାହିତ୍ୟ ପରିଷଦ ପ୍ରମୁଖ ସଙ୍ଗଠନ ସହ ଜିଲ୍ଲାର ବୁଦ୍ଧିଜୀବୀଗଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରକାଶିତ ଅଧ୍ୟାଦେଶ ଅନୁଯାୟୀ ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ଏଣିକି ବିଶ୍ୱବିଦ୍ୟାଳୟ ସ୍ତରରେ କୁଳପତିଙ୍କ ଅଧ୍ୟକ୍ଷତାରେ ନହୋଇ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନଙ୍କ ଦ୍ୱାରା କରାଯିବ । ଯାହାକୁ ନେଇ ବିବାଦ ଦେଖାଦେଇଛି । ବିଶ୍ୱବିଦ୍ୟାଳୟ ଏକ ସ୍ୱୟଂଚାଳିତ ଶିକ୍ଷା ଅନୁଷ୍ଠାନ । ଉହା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହଯୋଗରେ ପରିଚାଳିତ ହୋଇଥାଏ । ଏହାର ଆସିଷ୍ଟାଂଟ ପ୍ରଫେସର, ଆସୋସିଏଟ ପ୍ରଫେସର, ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଭାରତ ସରକାରଙ୍କ ସ୍ୱତନ୍ତ୍ର ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନିର୍ଦ୍ଦିଷ୍ଟ ନୀତି, ମାର୍ଗଦର୍ଶୀକା ଅନୁଯାୟୀ ହୋଇଥାଏ । ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କର ଚାକିରୀରୁ ଅବସର, ପଦୋନ୍ନତି, ପରିତ୍ୟାଗ, ବୀଦେଶ ଗମନ, ଅନ୍ୟ ବିଶ୍ୱବିଦ୍ୟାଳୟରେ ଯୋଗଦାନ ଆଦି କାରଣରୁ ପ୍ରତ୍ୟେକ ବର୍ଷ ବହୁ ପଦବୀ ଖାଲିପଡ଼ିଥାଏ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନୀତି ଓ ମାର୍ଗଦର୍ଶୀକା ଅନୁଯାୟୀ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଶିକ୍ଷକ ନିଯୁକ୍ତି ଚୟନ କମିଟି ତତ୍କାଳ ଏହାର ନିଯୁକ୍ତି ପ୍ରକ୍ରିୟା ଶେଷ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା ବାତାବରଣକୁ ରକ୍ଷା କରିପାରିଥାଏ । ବିଶ୍ୱବିଦ୍ୟାଳୟ ସମାଜର ସର୍ବୋଚ୍ଚ ସମ୍ମାନୀୟ ଜ୍ଞାନ ଓ ଗବେଷଣାର ପବିତ୍ର କ୍ଷେତ୍ର ହୋଇଥିବା ସମୟରେ କୁଳପତି ମଧ୍ୟ ସର୍ବୋଚ୍ଚ ସମ୍ମାନୀୟ ବ୍ୟକ୍ତି ଅଟନ୍ତି । ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ପବ୍ଲିକ ସାର୍ଭିସ କମିଶନଙ୍କ ଦ୍ୱାରା ପରିଚାଳିତ ହେଲେ ଖୋଲା ଖୋଲି ଭାବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାର ନୀତି ଓ ମାର୍ଗଦର୍ଶୀକାକୁ ଉଲ୍ଲଙ୍ଘନ କରାଇବ । ପୁଣି ଓପିଏସସି ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ଅସମ୍ଭବ ଅଟେ । ଫଳରେ ଶିକ୍ଷକ ଅଭାବ ଜନିତ ପରିସ୍ଥିତି ହେତୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟିହେବା ସାଙ୍ଗକୁ ଅଶାନ୍ତ ବାତାବରଣର କାରଣ ପାଲଟି ଯିବ । ପୁଣି କୁଳପତି ପରି ସର୍ବୋଚ୍ଚ ପଦବୀର ଅମର୍ଯ୍ୟାଦା ହୋଇ ତାହା ପ୍ରଶାସନ ଓ ଅମଲାତନ୍ତ୍ରର ଖେଳନା ହୋଇଯିବ । ଏଥି ସହିତ ବିଶ୍ୱବିଦ୍ୟାଳୟର ଚରମ ଅଧୋଗତି ହେବ ବୋଲି ଦର୍ଶାଇ ମୟୁରଭଞ୍ଜ ସିଟିଜେନ ଫୋରମ ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ, ଓଡ଼ିଆ ଜାଗରଣ ମଂଚର ସଭାପତି ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ବେଳେ ଏହାର ନକଲ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଚେୟାରମ୍ୟାନ ଓ ସେକ୍ରେଟେରୀ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ, ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି ।

# ବିଜୁଳି ଓ ରାସ୍ତାରୁ ବଂଚିତ ଚନ୍ଦନପୁର ଜେନାସାହି ଗ୍ରାମବାସୀ

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଚେତାବନୀ

କେନ୍ଦ୍ରାପଡା, (ପିଏନ)- ସ୍ୱାଧିନତାର ୭୪ ବର୍ଷ ପରେ ମଧ୍ୟ ଗ୍ରାମବାସୀ ମାନେ ଗାଁକୁ ଯିବାକୁ ରାସ୍ତା ପାଉ ନଥିବା ବେଳେ ଗ୍ରାମ୍ୟ ବିଦ୍ୟୁତକରଣ ଯୋଜନା ସାତ ସପନ ହୋଇ ରହିଛି । ରାସ୍ତା ନଥିବାରୁ ବର୍ଷ ସାରା ପାଣି କାଦୁଅରେ ପଶି ବିଲ ଭିତରେ ନିଜ ଘରକୁ ଯାଉଥିବା ଭଳି ଏକ ବାସ୍ତବ ଚିତ୍ର କେନ୍ଦ୍ରାପଡା ବ୍ଲକ ଅଧିନ କଂସାର ପଂଚାୟତର ଚନ୍ଦନପୁର ଗ୍ରାମର ଜେନାସାହିରେ ଦେଖିବାକୁ ମିଳୁଛି । ଚନ୍ଦନପୁର ଗ୍ରାମର ପଡା ଗ୍ରାମରେ ରହୁଥିବା ପ୍ରାୟ ୨୦ଟି ପରିବାର ରାସ୍ତା ଓ ଆଲୋକ ପାଇଁ ଅଭିଶପ୍ତ ଜୀବନ ବିତାଉଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । କେନ୍ଦ୍ରାପଡା ଟାଉନରୁ ମାତ୍ର ୭ କିମି ଦୂରରେ ଅବସ୍ଥିତ ଏହି ଗ୍ରାମର ଅବସ୍ଥା ଆଖିରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ । ନିର୍ବାଚନ ସମୟରେ ଭୋଟ୍ ପାଇଁ ପ୍ରଚାର କରିବାକୁ ଆସୁଥିବା ନେତାମାନେ ରାସ୍ତା ଏବଂ ଆଲୁଅ ଯୋଗାଇ ଦେବା ପାଇଁ ପ୍ରତିଥର ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ପାଣିର ଗାର ହୋଇ ରହିଛି । ସ୍ଥାନୀୟ ସରପଂଚ ପ୍ରଦ୍ୟୁମ୍ନ ଜେନା ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ଉଦ୍ୟମ କରିଥିଲେ ମଧ୍ୟ ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗର ଅସହଯୋଗ କାରଣରୁ ସ୍ଥାନୀୟ ବାସିନ୍ଦା ଦହଗଞ୍ଜ ଭୋଗୁଥିବା ଜଣାପଡିଛି । ଏହି ଗ୍ରାମରେ ରହୁଥିବା ପ୍ରାୟ ୨୦ ଘର ଦଳିତ ସଂପ୍ରଦାୟର ପରିବାର ନିଜର ମୌଳିକ ସୁବିଧା ପାଇବା ପାଇଁ ଆପତି ଅଭିଯୋଗ କଲେ ମଧ୍ୟ କେହି ଶୁଣିବାକୁ ନାହାନ୍ତି । ନିର୍ବାଚିତ ପ୍ରତିନିଧିମାନେ ଭୋଟ୍ ପାଇବା ପରେ ଦ୍ୱିତୀୟ ଥର ପାଇଁ ଗାଁ ଭିତରେ ପାଦ ପକାଉ ନଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏହି ଗ୍ରାମବାସୀ ମାନଙ୍କୁ ଯାତାୟତ ପାଇଁ ରାସ୍ତା, ଆଲୋକ ଓ ପାନୀୟ ଜଳ ଯଥା ଶିଘ୍ର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆ ନଗଲେ ଏହି ଦଳିତ ସଂପ୍ରଦାୟର ବ୍ୟକ୍ତିମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।




୨୬ତମ ପ୍ରତିଷ୍ଠା ଦିବସ ସମାରୋହ
ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ
# ପର୍ଯ୍ୟବେକ୍ଷକ
Bhubaneswar Sunday December 08 | ଭୁବନେଶ୍ବର ରବିବାର, ଡିସେମ୍ବର ୦୮,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com

## ଓପିଟିସିଏଲ୍‌ଯନ୍ତ୍ରୀଙ୍କର କ୍ୟାଡର ପୁନଃଗଠନ ପ୍ରସ୍ତାବରେ ଅହେତୁକ ବିଳମ୍ବ: କୁହୁଳୁଛି ଅସନ୍ତୋଷ

ଭୁବନେଶ୍ବର,(ପି.ଏନ): ଦୀର୍ଘବର୍ଷଧରି ନିଗମ କର୍ତ୍ତୃପକ୍ଷ ଦ୍ବାରା କ୍ରମାଗତ ଅବହେଳା ଓ ଉପେକ୍ଷାରଶିକାର ହୋଇଆସୁଥିବାଓଡିଶା ବିଦ୍ୟୁତ୍‌ଶକ୍ତି ସଞ୍ଚାରଣ ନିଗମ (ଓପିଟିସିଏଲ୍ )ର ଯନ୍ତ୍ରୀ ସଂଘର ଭୁବନେଶ୍ବର, ଅନୁଗୁଳ,ବ୍ରହ୍ମପୁର ଏବଂ ବାଲେଶ୍ବର କ୍ଷେତ୍ରର ଆଞ୍ଚଳିକ କାର୍ଯ୍ୟକାରିଣୀ ବୈଠକ ଗତ ସପ୍ତାହରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଯନ୍ତ୍ରୀମାନଙ୍କର କ୍ୟାଡର ପୁନଃଗଠନ ପ୍ରସ୍ତାବରେ ନିଗମ କର୍ତ୍ତୃପକ୍ଷଙ୍କର କ୍ରମାଗତ ଉପେକ୍ଷା ଓ ଉଦାସୀନତାକୁ ନେଇ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିଲା। ୨୦୨୨ ମସିହାରେ ଓଡିଶା ସରକାରଙ୍କର ଅଧୀନରେ ଥିବା ପ୍ରତ୍ୟେକ ବୈଷୟିକ ବିଭାଗର କ୍ୟାଡର ପୁନଃଗଠନ କାର୍ଯ୍ୟକାରୀ ହୋଇସାରିଥିବା ବେଳେ ଓପିଟିସିଏଲ୍ ମାନବ ସମ୍ବଳ ବିଭାଗ ଏବଂ ନିର୍ଦ୍ଦେଶକଙ୍କର ଚ଼ଞ୍ଚକତା ଯୋଗୁଁ ନିଗମର କ୍ୟାଡର ପୁନଃଗଠନ ପ୍ରସ୍ତାବ ଦୀର୍ଘଦୁଇ ବର୍ଷପରେ ଅସମ୍ପୂର୍ଣ୍ଣ ସ୍ବରୂପରେ ଶକ୍ତି ବିଭାଗକୁ ପଠାଇଦିଆଗଲା ଯାହାକି ୧୨ ମାସ ପରେ ମଧ୍ୟଶକ୍ତି ବିଭାଗରେ ବିଚ଼ାରାଧୀନ ଅଛି ।ଏଠାରେ ଉଲ୍ଲେଖଯୋଗ୍ୟ କି ୨୦୨୪ ମସିହାରେ ପୁନର୍ବାର ଅନେକ ସରକାରୀ ବୈଷୟିକ ବିଭାଗମାନଙ୍କର କ୍ୟାଡର ପୁନଃଗଠନ ପ୍ରକ୍ରିୟା ଶେଷ ହୋଇସାରିଛି। ଏପରିକି ଶକ୍ତି ବିତରଣ ସଂସ୍ଥା ମାନଙ୍କରକ୍ୟାଡର ପୁନଃଗଠନ ପ୍ରସ୍ତାବ ଦୀର୍ଘବ୍ୟବଧାନ ପରେ ଆରମ୍ଭ ହୋଇ ମଧ୍ୟ ଅକ୍ଟୋବର ୨୦୨୪ ମସିହାରେ ଓଡିଶା ସରକାର ଏବଂ ବିଦ୍ୟୁତ ନିୟାମକ ଆୟୋଗ ର ଅନୁମୋଦନ ସହିତ ବୋର୍ଡ ରେ ପାରିତ ହୋଇ କାର୍ଯ୍ୟକାରୀ ହୋଇସାରିଛି । ପ୍ରକାଶଯୋଗ୍ୟ ଯେ ନିୟମ ଅନୁଯାୟୀ ସମସ୍ତ ନୀତି ପ୍ରଥମେ ଓପିଟିସିଏଲ୍ ରେ କାର୍ଯ୍ୟକାରୀ ହେଲା ପରେ ଅନ୍ୟ ଶକ୍ତି ବିଭାଗ ନିଗମ ଗୁଡିକରେ ପ୍ରଣୟନ କରାଯାଏ। କିନ୍ତୁ ଏହି ବିଚ୍ୟୁତି ଓ ବିରୋଧାଭାଷ ନିଗମ କର୍ତ୍ତୃପକ୍ଷ ଏବଂ ବିଭାଗୀୟ ଶୀର୍ଷାଧିକାରୀମାନଙ୍କର ଉଦାସୀନତାକୁ ପ୍ରତିପାଦିତ କରୁଅଛି ଯାହାକି କର୍ମଚ଼ାରୀମାନଙ୍କର ମନୋବଳକୁ ଆଘାତ କରୁଅଛି । ଏତଦ୍ ବ୍ୟତୀତ "ସମ୍ପତି ବିମୁଦ୍ରିକରଣ", "ଶୁଳ୍କ ଭିତ୍ତିକ ବିଡିଙ୍ଗ" , "ବିଦ୍ୟୁତ ପ୍ରକଳ୍ପ ସୁପରିଚ଼ାଳନା" ପରି ଅନେକ ସମସ୍ୟା ଉପରେ ଯନ୍ତ୍ରୀସଂଘ ନିଗମ କର୍ତ୍ତୃପକ୍ଷଙ୍କୁ ଆଲୋଚ଼ନା ପାଇଁ ଅନୁରୋଧ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ। ଏହି ପାତର ଅନ୍ତର ଯୋଗୁଁ ପୁଞ୍ଜିଭୂତ ଅସନ୍ତୋଷ ପରବର୍ତ୍ତି ସମୟରେ ଆନ୍‌ଦୋଳନର ରୂପ ନେବ ବୋଲି ଯନ୍ତ୍ରୀ ସଂଘ ଅଭିବ୍ୟକ୍ତି ରଖିବା ସହିତ ସମସ୍ୟାର ଆଶୁ ସମାଧାନ ପାଇଁ ମାନ୍ୟବର ଉପମୁଖ୍ୟମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ବିଶ୍ବ ବିଦ୍ୟାଳୟର ସର୍ବୋଚ୍ଚ ଉପାଧିପ୍ରାପ୍ତ ହେଲେ ବିଜୟାଲକ୍ଷ୍ମୀ

ଖୋର୍ଦ୍ଧା,(ପିଏନ): ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ପୋଡାଡିହ ପଂଚ଼ାୟତ ଅନ୍ତର୍ଗତ ତୁଳସୀପୁର ଭଗବତୀ ଉଚ୍ଚ଼ ବିଦ୍ୟାଳୟର ହିନ୍ଦୀ ଶିକ୍ଷୟିତ୍ରୀ ସୁଚ଼ିତ୍ରା ବେଉରା ଓ ବଙ୍ଗିଦା ସରକାରୀ ଉଚ୍ଚ଼ ବିଦ୍ୟାଳୟ ସଂସ୍କୃତ ଶିକ୍ଷକ ବୀରେନ କୁମାର ନାୟକଙ୍କ ଝିଅ ବିଜୟାଲକ୍ଷ୍ମୀ ସର୍ବୋଚ୍ଚ ଉପାଧି ଡକ୍ଟରେଟ ହାସଲ କରିଛନ୍ତି। ସୂଚ଼ନା ଅନୁଯାୟୀ ଡ଼ଃ ବିଜୟାଲକ୍ଷ୍ମୀ ଭୁବନେଶ୍ବର ସ୍ଥିତ ସୋଆ କୃଷି ବୈଷୟିକ ବିଶ୍ବ ବିଦ୍ୟାଳୟରେ ସମ୍ପ୍ରସାରଣ ଶିକ୍ଷା ବିଭାଗର ସହକାରୀ ପ୍ରଫେସର ଭାବେ କାର୍ଯ୍ୟ କରି ଆସୁଛନ୍ତି। ତେବେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ବ ବିଦ୍ୟାଳୟର ୪୦ ତମ ସମାବର୍ତ୍ତନ ଉତ୍ସବରେ ବରିଷ୍ଠ ଓଡ଼ିଶା କୃଷି ବୈଷୟିକ ବିଶ୍ବ ବିଦ୍ୟାଳୟର ପ୍ରଫେସର ପ୍ରଦୀପ କୁମାର ବାନାର୍ଜୀଙ୍କ ତତ୍ତ୍ବାବଧାନରେ 'ଓଡ଼ିଶା ପରିବା ଚ଼ାଷୀ ମାନଙ୍କର ବ୍ୟବସାୟିକ ଭିତିଭୂମି ' ଉପରେ ଗବେଷଣା କରିଥିଲେ । ଏହି ସନ୍ଦର୍ଭଟି ଡକ୍ଟର ପିଭି ସତ୍ୟ ଗୋପାଳ ଓ ହାଇଦ୍ରାବାଦ କୃଷି ବୈଷୟିକ ବିଶ୍ବ ବିଦ୍ୟାଳୟର ବରିଷ୍ଠ ପ୍ରଫେସର ଆଚ଼ାର୍ଯ୍ୟ ଏନ ଜି ରଙ୍ଗାଙ୍କ ଦ୍ବାରା ଉଚ୍ଚ଼ ପ୍ରଶଂସିତ ହୋଇ ୨୦୨୩ ମସିହା ଫେବୃଆରୀ ମାସ ୧୫ ରିଖରେ ପିଏଚ଼ଡି ପାଇଁ ଯୋଗ୍ୟ ବିବେଚ଼ିତ ହୋଇଥିଲେ। ଯାହାକି ଡ଼ଃ ବିଜୟାଲକ୍ଷ୍ମୀ ବହୁ ପ୍ରତିଭାର ଅଧିକାରିଣୀ ଥିବାରୁ ଆତ୍ମୀୟ ସ୍ବଜନଙ୍କ ସମେତ ସ୍ଥାନୀୟ ଅଞ୍ଚଳରେ ସଚେତନ ନାଗରିକ, ବୁଦ୍ଧିଜୀବୀ ଶୁଭେଚ଼୍ଛାର ସୁଅ ଛୁଟିବାରେ ଲାଗିଛି।



## ଡିଆଟନଠାରେ ଶ୍ରୀ ଶ୍ରୀ ଜ୍ଞାନ ମନ୍ଦିର ବିଦ୍ୟାଳୟର ନବନିର୍ମିତ ବିଦ୍ୟାଳୟ ଗୃହ ପ୍ରତିଷ୍ଠା ଉତ୍ସବ

ବଲାଙ୍ଗି, (ପି.ଏନ)ବଲାଙ୍ଗୀର ଜିଲ୍ଲା ଟିଟିଲାଗଡର ଡିଆଟନ ଠାରେ ଶ୍ରୀ ଶ୍ରୀ ଜ୍ଞାନ ମନ୍ଦିର ବିଦ୍ୟାଳୟ ର ନବ ନିର୍ମିତ ବିଦ୍ୟାଳୟ ଗୃହ ପ୍ରତିଷ୍ଠା ଉତ୍ସବ ଡିଆଟନଠାରେ ଆୟୋଜିତ ହୋଇଯାଇଛି। ଏହି ବିଦ୍ୟାଳୟ ୨୦୧୧ଠାରୁ ପୂଜ୍ୟଶ୍ରୀ ଶ୍ରୀ ଶ୍ରୀ ରବିଶଙ୍କର ଜୀଙ୍କ ବେଦ ବିଜ୍ଞାନ ବିଦ୍ୟାପିଠ ବାଙ୍ଗାଲୋର ଜରିଆରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବିଦ୍ୟାଳୟଗୁଡ଼ିକ ଖୋଲା ଯାଇଛି। ଏଥିରେ ଅନାଥ , ନିରୀହ ଅସହାୟ ଗରିବ ଶ୍ରେଣୀର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଓଡ଼ିଶା ଶିକ୍ଷା ପରିଷଦ ସହିତ ଜଡ଼ିତ ରହି ବୌଦ୍ଧିକ, ଶାରୀରିକ ଓ ଆଧ୍ୟାତ୍ମିକ ଶିକ୍ଷା ମାଗଣାରେ ଶିକ୍ଷା ପ୍ରଦାନ କରାଯାଉଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଟିଟିଲାଗଡ଼ର ପୌରଧ୍ୟକ୍ଷ ଶ୍ରୀମତି ମମତା ଜୈନ, ସମ୍ମାନିତ ଅତିଥି ଭାବରେ ବିଇଓ ଶ୍ରୀ ଯୁକ୍ତ ଆର୍ତ୍ତତ୍ରାନ ରଥ, ପ୍ରାକ୍ତନ ଅଧ୍ୟକ୍ଷ ଡି ଏ ବି ପବ୍ଲିକ ମହାବିଦ୍ୟାଳୟର ଶ୍ରୀ ଯୁକ୍ତ ଛାୟାକାନ୍ତ ଷଡ଼ଙ୍ଗୀ, ପରାସରା ସରପଞ୍ଚ ଶ୍ରୀ ଯୁକ୍ତ ପୃଥିରାଜ ଚ଼ିନାଗୁନ, ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀ ମତି ରୁନୁଲତା ପଟ୍ଟାୟତ, ଏସ ଏସ ଜି ଏମର ସଭାପତି ଶ୍ରୀ ମତି ନିରୁପମା ସରାଙ୍ଗ, ସଂଯୋଜକ ଶ୍ରୀ ମତି ଗୀତାଞ୍ଜଳି ଭୋଇ, ଆର୍ଟ ଅଫ ଲିଭିଂ ଟିଚ଼ର ଡଃ ପ୍ରିତଶ କୁମାର ମିଶ୍ର, ଶ୍ରୀ ମତି ହରିପ୍ରିୟା ମିଶ୍ର, କଳାହାଣ୍ଡିରୁ ଉପେନ୍ଦ୍ର ସେନାପତି, ଲିମସେରର ଏସଏସଜିଏମ ଶିକ୍ଷକ ଜଗଜ୍ଜିବନ ସା, ଡିଆଟନର ଜମିଦାତା ଶ୍ରୀଯୁକ୍ତ ଲମ୍ବୋଦର ଆଡଯୋଆଡ, ପ୍ରକଳ୍ପ ଉଚ୍ଚ଼ ପ୍ରାଥମିକ ବିଦ୍ୟାଳୟ ଜାମପଡ଼ାର ପ୍ରଧାନ ଶିକ୍ଷକ ଶ୍ରୀ ଯୁକ୍ତ ବିଶ୍ବନାଥ ମିଶ୍ର ଯୋଗ ଦେଇଥିଲେ। ତତ୍ ସହିତ ଡିଆଟନ ଶ୍ରୀ ଶ୍ରୀ ଜ୍ଞାନ ମନ୍ଦିର ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ବୃନ୍ଦ, ଯୁବଚ଼ାର୍ଯ୍ୟ, ଅଭିଭାବକ, ଡିଆଟନର ଗ୍ରାମବାସୀ ତଥା ବିଦ୍ୟାଳୟର ଛାତ୍ର ଛାତ୍ରୀ, ବିଦ୍ୟାଳୟ, ପରିତ୍ୟାଗ କରିଥିବା ଛାତ୍ର ଛାତ୍ରୀମାନେ ଉପସ୍ଥିତ ଥିଲେ। ଏଥିରେ ସତସଙ୍ଗ, ଭଜନ ଜଣାଣ କରାଯାଇଥିଲା। ଏହି ବିଦ୍ୟାଳୟରେ ବୈଦିକ ରୀତିରେ ପରମ୍ପରାଗତ ପୂଜାବିଧି କରାଯାଇ ଗୃହ ପ୍ରତିଷ୍ଠା କରାଯାଇଛି।

## ଜିନ୍ଦଲ ଷ୍ଟେନଲେସରେ ବିଶ୍ବ ଗୁଣବତ୍ତା ମାସ ୨୦୨୪ ର ଉଦଯାପନ




ଦାନଗଦି, (ପି ଏନ) :- ଜିନ୍ଦଲ ଷ୍ଟେନଲେସ, ଯାଜପୁର, ଗତ ଡିସେମ୍ବର ୪ ତାରିଖରେ ଏହାର ମାସବ୍ୟାପୀ ବିଶ୍ବ ଗୁଣବତ୍ତା ମାସ-୨୦୨୪ ର ଉତ୍ସବ ଏକ ଭବ୍ୟ ଉଦଯାପନୀ ସମାରୋହ ସହିତ ସମାପ୍ତ କରିଛି। ଏହି କାର୍ଯ୍ୟକ୍ରମରେ ବି. ଆଇ. ଏସ୍. ର ନିର୍ଦ୍ଦେଶକ ତଥା ମୁଖ୍ୟ ଡ: ଏ. କେ. ପୁରୋହିତ, କମ୍ପାନୀର ବରିଷ୍ଠ ପଦାଧୀକାରୀମାନଙ୍କ ସହିତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉକ୍ତ ଉତ୍ସବରେ ଗୁଣବତ୍ତା ଏବଂ ଅଭିନବତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଉତ୍କୃଷ୍ଟ କର୍ମଚ଼ାରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ନଭେମ୍ବରରେ ଅନୁଷ୍ଠିତ ଏହି ଉତ୍ସବ ସର୍ବଶ୍ରେଷ୍ଠ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ଗୁଣବତ୍ତା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ସର୍ବଭାରତୀୟ ପଦକ୍ଷେପ ସହିତ ସମାନ୍ତରାଳ ଭାବରେ ଚ଼ଳିତ ବର୍ଷର ବିଷୟବସ୍ତୁ "ଅନୁକରଣ ଠାରୁ ପ୍ରଦର୍ଶନ ପର୍ଯ୍ୟନ୍ତ" ଅନୁରୂପ ଅଟେ ଓ ଏହି ଉତ୍ସବ ଉପରେ ଆଲୋକପାତ କରି, ୟୁନିଟ୍ ହେଡ୍, ଜିନ୍ଦଲ ଷ୍ଟେନଲେସ୍, ଯାଜପୁର, ଶ୍ରୀ ଦୀପକ ଅଗ୍ରୱାଲ କହିଛନ୍ତି, 'ବିଶ୍ବ ଗୁଣବତ୍ତା ମାସ ଶ୍ରେଷ୍ଠତାକୁ ପ୍ରବର୍ତ୍ତନ ଦେବା ଏବଂ ସାଂଗଠନିକ ଲକ୍ଷ୍ୟ ହାସଲ କରିବାରେ ଗୁଣବତ୍ତାର ଗୁରୁତ୍ବପୂର୍ଣ୍ଣ ଭୂମିକାକୁ ସ୍ମରଣ କରାଇଥାଏ। ଜିନ୍ଦଲ ଷ୍ଟେନଲେସରେ, ଆମେ କେବଳ ମାନଦଣ୍ଡ ପୂରଣ କରିବାକୁ ନୁହେଁ ବରଂ ନିରନ୍ତର ଅଭିନବତା ଏବଂ ଉତ୍କର୍ଷତା ପ୍ରତି ସହଭାଗୀ ସମର୍ପଣ ମାଧ୍ୟମରେ ସେଗୁଡ଼ିକୁ ଅତିକ୍ରମ କରିବାକୁ ପ୍ରତିଶୃତିବଦ୍ଧ ।ମାସବ୍ୟାପୀ ଏହି କାର୍ଯ୍ୟକଳାପ ରେ ଅନଲାଇନ୍ କୁଇଜ୍ ପ୍ରତିଯୋଗିତା, ଗୁଣବତ୍ତା ପରିଚ଼ାଳନା ପ୍ରଣାଳୀ ଉପରେ ଭର୍‌ଚୁଆଲ୍ ତାଲିମ ଅଧିବେଶନ, ଆଇଏଟିଏଫ୍ ମାନକ ଏବଂ ସମସ୍ୟା ସମାଧାନ କୌଶଳ ସହିତ ବିଶ୍ବ ସ୍ତରୀୟ ମାନକ ବଜାୟ ରଖିବା ପାଇଁ କର୍ମଚ଼ାରୀଙ୍କ ପ୍ରତିବଦ୍ଧତାକୁ ସୁନିଶ୍ଚିତ କରୁଥିବା ଏକ ଅନଲାଇନ୍ ଗୁଣବତ୍ତା ପ୍ରତିଜ୍ଞା ଅନ୍ତର୍ଭୁକ୍ତ ଥିଲା। ଗ୍ରାଣ୍ଡ ଫାଇନାଲ ଅବସରରେ ଉଦବୋଧନ ଦେଇ ଡଃ ପୁରୋହିତ ଜିନ୍ଦଲ ଷ୍ଟେନଲେସ୍ ଗୁଣାତ୍ମକ ସଂସ୍କୃତି ପ୍ରତିପାଦନ କରିଥିବାରୁ ପ୍ରଶଂସା କରିଥିଲେ ଏବଂ ବିଶ୍ବର ଗୁଣବତ୍ତା ଆନ୍‌ଦୋଳନକୁ ଆଗକୁ ନେବାରେ ଏହାର ଯୋଗଦାନ ଉପରେ ଗୁରୁତ୍ବାରୋପ କରିଥିଲେ।

## ନରେନ୍ଦ୍ର ମୋଦି ଅଧ୍ୟୟନ କେନ୍ଦ୍ର- ଅଧ୍ୟକ୍ଷ ହେଲେ ବିଶ୍ବଭୂଷଣ



ଭୁବନେଶ୍ବର,(ପି.ଏନ): ଦେଶର ବିକାଶ ଓ ତା'ସହିତ ଜଡ଼ିତ ବିଭିନ୍ନ ଯୋଜନା ସଂକ୍ରାନ୍ତରେ ଗବେଷଣା କରିବା ପାଇଁ 'ସେଣ୍ଟର ଫର୍ ନରେନ୍ଦ୍ର ମୋଦି ଷ୍ଟଡିଜ୍' (ସିଏନ୍‌ଏମ୍‌ଏସ୍) ନାମରେ ଏକ ଆନ୍ତର୍ଜାତିକ କେନ୍ଦ୍ର ନୂଆଦିଲ୍ଲୀରେ ଖୋଲା ଯାଇଛି। ଏହି କେନ୍ଦ୍ରର ପରାମର୍ଶଦାତା ପରିଷଦର ଅଧ୍ୟକ୍ଷ ଭାବେ ପୂର୍ବତନ ରାଜ୍ୟପାଳ ତଥା ଓଡ଼ିଶାର ବରିଷ୍ଠ ନେତା ବିଶ୍ବଭୂଷଣ ହରିଚନ୍ଦନଙ୍କୁ ନିଯୁକ୍ତି ଦିଆଯାଇଛି।ଏହି ସଂସ୍ଥାନର ମ୍ୟାନେଜିଂ ଟ୍ରଷ୍ଟି ପ୍ରଫେସର ଜସିମ୍ ମହମ୍ମଦ କହିଛନ୍ତି ଯେ ଏହି ଆନ୍ତର୍ଜାତିକ ଗବେଷଣା କେନ୍ଦ୍ର ଦେଶର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରୁଛି। ଏଥିରେ ବିଭିନ୍ନ କ୍ଷେତ୍ରର ବହୁ ଲବ୍ଧ ପ୍ରତିଷ୍ଠିତ ବ୍ୟକ୍ତି ଯୋଡ଼ି ହୋଇଛନ୍ତି। ସେମାନେ ବିଭିନ୍ନ ସମୟରେ ସରକାରୀ ଯୋଜନାଗୁଡ଼ିକ ସଂପର୍କରେ ଅନୁଧ୍ୟାନ କରିବା ସହିତ ଦେଶର ବିକାଶ ପାଇଁ ଅଧିକ କ'ଣ କରିହେବ ସେ ସଂକ୍ରାନ୍ତରେ ବିଚାର ବିମର୍ଷ କରି କେନ୍ଦ୍ର ସରକାରଙ୍କୁ ମଧ୍ୟ ପରାମର୍ଶ ଓ ପ୍ରସ୍ତାବ ଦେଇଛନ୍ତି।ପୂର୍ବରୁ ଜଣେ ଖ୍ୟାତନାମା ଓକିଲ, ଅଗ୍ରଣୀ ବ୍ୟବସ୍ଥାପକ, ମନ୍ତ୍ରୀ ଏବଂ ରାଜ୍ୟପାଳ ଭାବେ ଶ୍ରୀ ହରିଚନ୍ଦନ କାର୍ଯ୍ୟ କରିଛନ୍ତି। ସାହିତ୍ୟ, ସଂସ୍କୃତି, ଅର୍ଥନୀତି, ଇତିହାସ ଓ ଗ୍ରାମୋତ୍‌ଥାନ ସଂକ୍ରାନ୍ତରେ ତାଙ୍କର ଅଭିଜ୍ଞତା ରହିଛି। ଏହାଛଡ଼ା ଜଣେ ରାଜନେତା ଓ ପ୍ରଶାସକ ହିସାବରେ ତାଙ୍କର ଯେଉଁ ଅନୁଭବ ରହିଛି ତାହାର ଉପଯୋଗ ଜାତୀୟ ସ୍ତରରେ କରିବା ଲାଗି ଶ୍ରୀ ହରିଚନ୍ଦନଙ୍କୁ ସିଏନ୍‌ଏମ୍‌ଏସ୍‌ର ପରାମର୍ଶଦାତା ପରିଷଦ ଅଧ୍ୟକ୍ଷ ଭାବେ ଚୟନ କରାଯାଇଛି। ପ୍ରଫେସର ମହମ୍ମଦ କହିଛନ୍ତି ଯେ ଦେଶର ବିକାଶ ସହିତ ବିଶ୍ବର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗ୍ରହଣ କରୁଥିବା ଭୂମିକାକୁ ଆଗେଇ ନେବା କ୍ଷେତ୍ରରେ ସିଏନ୍‌ଏମ୍‌ଏସ୍‌ର ପ୍ରମୁଖ ଯୋଗଦାନ ରହିଛି। ଖୁବ୍‌ଶୀଘ୍ର ଆଲିଗଡ଼ ଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ସଂସ୍ଥାର ପରାମର୍ଶଦାତା ପରିଷଦ ବୈଠକରେ ଶ୍ରୀ ହରିଚନ୍ଦନ ଅଧ୍ୟକ୍ଷତା କରିବେ ବୋଲି ସମ୍ମତି ପ୍ରଦାନ କରିଥିବା ପ୍ରଫେସର ମହମ୍ମଦ ସୂଚାଇଛନ୍ତି। ଏଠାରେ ଉଲ୍ଲେଖନୀୟ ଜନସଂଘରୁ ରାଜନୈତିକ ଜୀବନ ଆରମ୍ଭ କରିଥିବା ଶ୍ରୀ ହରିଚନ୍ଦନ ଏକାଧିକବାର ରାଜ୍ୟର ମନ୍ତ୍ରୀ ଭାବେ ବହୁ ଗୁରୁତ୍ବପୂର୍ଣ୍ଣ ବିଭାଗ ସଫଳତାର ସହ ସମ୍ଭାଳିଛନ୍ତି। ୧୯୮୦ ମସିହାରେ ଭାରତୀୟ ଜନତା ପାର୍ଟି ଗଢ଼ାଯିବା ବେଳେ ସେ ଏହାର ପ୍ରଥମ ରାଜ୍ୟ ସଭାପତି ରହିଥିଲେ। ଓଡ଼ିଶାରେ ବିଜେପି ସଂଗଠନ ବଢ଼ାଇବା ପାଇଁ ସେ ଯେଉଁ ମୂଳଦୁଆ ପକାଇଥିଲେ ତାହା ଉପରେ ଏବେର ରାଜ୍ୟ ବିଜେପି ସରକାର ପ୍ରତିଷ୍ଠା ହୋଇଛି। ଏବେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ଦପ୍ତର ସମେତ ବିଜେପିର କେନ୍ଦ୍ର କାର୍ଯ୍ୟାଳୟ ଏବଂ ବରିଷ୍ଠ ନେତାମାନେ ବିଭିନ୍ନ ଜାତୀୟ ପ୍ରସଂଗ ଓ ରାଜ୍ୟ ପ୍ରସଂଗରେ ଶ୍ରୀ ହରିଚନ୍ଦନଙ୍କ ସହ ପରାମର୍ଶ କରିଥାନ୍ତି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶା ଗସ୍ତ ବେଳେ ତାଙ୍କ ସହ ଶ୍ରୀ ହରିଚନ୍ଦନଙ୍କ ମଧ୍ୟ ସ୍ବତନ୍ତ୍ର ସାକ୍ଷାତକାର ହୋଇଥିଲା। ସିଏନ୍‌ଏମ୍‌ଏସ୍ ପରାମର୍ଶଦାତା ପରିଷଦ ଅଧ୍ୟକ୍ଷ ଦାୟିତ୍ବ ଶ୍ରୀ ହରିଚନ୍ଦନ ଗ୍ରହଣ କରିଥିବାରୁ ବହୁ ଦଳୀୟ ନେତା ଏବଂ ଅର୍ଥନୀତିଜ୍ଞ ଓ ସମାଜ ବିଜ୍ଞାନୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities



TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray